Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 63
Thursday, 7 May 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୭ ମଇ, ୨୦୨୬
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପରି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବନ୍ଦର-ଭିତ୍ତିକ ବିକାଶ ପୂର୍ବ ଭାରତର ପ୍ରଗତିକୁ ଆଗେଇ ନେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬।୦୫ (ଆପ୍ର):ଭାରତର ବିକାଶ ଏକପାଖିଆ ହୋଇ ରହିପାରିବ ନାହିଁ। ଶିଳ୍ପ ସମ୍ପ୍ରସାରଣର ଆଗାମୀ ପର୍ଯ୍ୟାୟ ପୂର୍ବ ଉପକୂଳ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ମୁନ୍ଦ୍ରା ବନ୍ଦର ପରିଦର୍ଶନ ଅବସରରେ ଶିଳ୍ପ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି । ଦେଶର ଅଭିବୃଦ୍ଧି ରଣନୀତିରେ ଏହି ଢାଂଚାଗତ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ 'ଟୁ-କୋଷ୍ଟ ଷ୍ଟ୍ରାଟେଜି' ବା ଦ୍ୱି-ଉପକୂଳ ରଣନୀତିର ପ୍ରସ୍ତାବ ଦେଇଛନ୍ତି । ପଶ୍ଚିମ ଉପକୂଳର ଦକ୍ଷତା ଏବଂ ପୂର୍ବ ଉପକୂଳର ସୁଯୋଗକୁ ସମନ୍ୱିତ କରି ଶିଳ୍ପ ସମ୍ପ୍ରସାରଣ କରିବାକୁ ସେ ଶିଳ୍ପପତିମାନଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ବିଶ୍ୱର ଶିଳ୍ପ ଇକୋସିଷ୍ଟମର ପ୍ରତିଯୋଗିତାମୂଳକ ପରିବେଶରେ ଭାରତ ଯେପରି ଦୀର୍ଘକାଳୀନ ଭାବେ ଦକ୍ଷତାର ସହ ଅଭିବୃଦ୍ଧି ହାସଲ କରିପାରିବ, ସେଥିପାଇଁ ସନ୍ତୁଳିତ ଉପକୂଳ ବିକାଶ ଅପରିହାର୍ଯ୍ୟ । ଆସନ୍ତା ଦଶକର ଅଭିବୃଦ୍ଧିରେ ପୂର୍ବ ଉପକୂଳ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ପୂର୍ବ ଉପକୂଳର ବିକାଶକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ଓଡ଼ିଶାକୁ ଦେଶର ପରବର୍ତ୍ତୀ ଶିଳ୍ପ ଅଭିବୃଦ୍ଧିର ଏକ ଗେଟ୍-ୱେ ଭାବେ ଦର୍ଶାଇଥିଲେ । ସେ କହିଥିଲେ ଯେ ପଶ୍ଚିମ ଉପକୂଳ ସାମୁଦ୍ରିକ ବାଣିଜ୍ୟ ଏବଂ ଶିଳ୍ପ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଥିବାବେଳେ, ପୂର୍ବ ଉପକୂଳ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି ଏବଂ ଓଡ଼ିଶା ସେହି ସଫଳତାର ପୁନରାବୃତ୍ତି କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଦକ୍ଷିଣ-ପୂର୍ବ ଏସିଆ, ପୂର୍ବ ଏସିଆ ଏବଂ ଇଣ୍ଡୋ-ପାସିଫିକ ଅଂଚଳ ସହିତ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଶିଳ୍ପପତିମାନଙ୍କୁ ଓଡ଼ିଶାର ନିବେଶ ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ବର୍ତ୍ତମାନ ସୁଦ୍ଧା ୮.୩୭ ଲକ୍ଷ କୋଟି ଟଙ୍କାର ୪୩୩ଟି ନିବେଶ ପ୍ରସ୍ତାବ ଅନୁମୋଦିତ ହୋଇଛି । ୨.୮୬ ଲକ୍ଷ କୋଟି ଟଙ୍କାର ୧୪୮ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇସାରିଛି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ପାରାଦୀପ କିଭଳି ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିଛି ତାହା ମୁଁ ନିଜେ ଦେଖିଛି । ଆଜି ଆମେ ସେହି ମୂଳଦୁଆ ଉପରେ ବନ୍ଦର-ଭିତ୍ତିକ ଶିଳ୍ପାୟନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଛୁ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମୁନ୍ଦ୍ରା ଶିଙ୍ଗ୍‌ଲ ଏବଂ ଜରତ ପରିଦର୍ଶନ କରିଥିଲେ । ସେମାନେ କଣ୍ଟେନର ଜେଟି, ଡ୍ରାଇ ବଲ୍କ କୁଡ୍ କ୍ୟାରିଅର୍ ଜେଟି, ତମ୍ବା ଉତ୍ପାଦନ ୟୁନିଟ୍, ସୌର ସେଲ୍ ଏବଂ ପବନ ଚାଳିତ ଟର୍ବାଇନ୍ ଉପକରଣ ନିର୍ମାଣ କେନ୍ଦ୍ର ଗୁଡ଼ିକ ବୁଲି ଦେଖିଥିଲେ ।

'ସ୍କୁଲ ମ୍ୟାନେଜମେଂଟ କମିଟି ଗାଇଡଲାଇନ-୨୦୨୬'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୦୬।୦୫ (ପିଆଇବି):'ସ୍କୁଲ ମ୍ୟାନେଜମେଂଟ କମିଟି'(ଏସଏମସି) ଗାଇଡଲାଇନ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବ । ଏହି ନୂତନ ଗାଇଡ୍‌ଲାଇନ୍ ବିଦ୍ୟାଳୟ ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ସହ ଏକ ସୁସ୍ଥ ଶିକ୍ଷାଦାନ ପରିବେଶ ଗଠନରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ସ୍କୁଲ ମ୍ୟାନେଜମେଂଟ କମିଟି-୨୦୨୬'ର ନୂତନ ମାର୍ଗଦର୍ଶିକା ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାର୍ଗଦର୍ଶିକାଗୁଡ଼ିକ ବିଦ୍ୟାଳୟ, ପରିବାର ଏବଂ ସମାଜ ମଧ୍ୟରେ ଏକ ସଶକ୍ତ ଭାବନାତ୍ମକ ଏବଂ ସାମାଜିକ ସହଭାଗିତାକୁ ପ୍ରାତିଷ୍ଠାନିକ ରୂପ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଆମେ ସମସ୍ତେ ବିଦ୍ୟାଳୟର ସାମଗ୍ରିକ ବିକାଶ, ଅନୁଶାସନ ଏବଂ ଗୁଣାତ୍ମକ ଶିକ୍ଷାର ତଦାରଖ ପାଇଁ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ନୂତନ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୃତୀୟ ଶ୍ରେଣୀରୁ କମ୍ପ୍ୟୁଟେସିଓନାଲ ଥିଙ୍କିଂ ଏବଂ ଏଆଇ ଆଧାରିତ ଶିକ୍ଷାର ଶୁଭାରମ୍ଭ କରାଯାଇଛି । ସମଗ୍ର ଶିକ୍ଷା ଅଭିଯାନ, ପିଏମ୍ ଶ୍ରୀ, ପିଏମ୍ ପୋଷଣ, ଅଟଳ ଟିଙ୍କରିଂ ଲ୍ୟାବ୍ ଏବଂ 'ଉଲ୍ଲାସ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେଉଛି । ଡିଜିଟାଲ ସ୍ୱାକ୍ଷରତାରେ ସୁଧାର, ଡ୍ରପ୍-ଆଉଟ୍ ହାରରେ ନିରନ୍ତର ହ୍ରାସ ଏବଂ ଛାତ୍ରୀମାନଙ୍କ ପାଇଁ, ବିଶେଷ କରି ଷ୍ଟେମ ଶିକ୍ଷା କ୍ଷେତ୍ରରେ ସୁଯୋଗର ସମ୍ପ୍ରସାରଣ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସର ପଦକ୍ଷେପ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେତେବେଳେ ବିଦ୍ୟାଳୟ ଏବଂ ସମାଜ ପାରସ୍ପରିକ ବିଶ୍ୱାସ ଏବଂ ମିଳିତ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରନ୍ତି, ସେତେବେଳେ ଶିକ୍ଷା ଏକ ସାମଗ୍ରିକ ସାମାଜିକ ପ୍ରକ୍ରିୟାରେ ପରିଣତ ହୋଇଥାଏ, ଯେଉଁ ପ୍ରକ୍ରିୟା ପରବର୍ତ୍ତୀ ସମୟରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ସ୍ଥାପନ କରିଥାଏ । ବର୍ତ୍ତମାନ ସମାଜରେ ସମ୍ପନ୍ନତା ବୃଦ୍ଧି ପାଇବା ସହ ଆମର ଦାୟିତ୍ୱ ମଧ୍ୟ ବୃଦ୍ଧି ପାଉଛି । ଘରେ ପର୍ବପର୍ବାଣୀ ପାଳନ କଲା ଭଳି ଆମେ ଅଙ୍ଗନବାଡ଼ି ଓ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିଯୁକ୍ତ ଆହାର ପ୍ରଦାନ କରିବା ଏବଂ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆମର ପ୍ରାଥମିକତା ହେବା ଉଚିତ । ସେହିପରି ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଦରକାର । ଗଛ ଲଗାଇବା କେବଳ ଗୁରୁଙ୍କର କାର୍ଯ୍ୟ ନୁହେଁ, ବରଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ଆମର ଦାୟିତ୍ୱ ଅଟେ । ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ 'ଜାତୀୟ ଶିକ୍ଷା ନୀତି -୨୦୨୦'ର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ 'ବିକଶିତ ଭାରତ ୨୦୪୭' ର ଲକ୍ଷ୍ୟ ହାସଲ ପାଇଁ 'ସ୍କୁଲ ମ୍ୟାନେଜମେଂଟ କମିଟି' ଏକ ଜନ-ଆନ୍ଦୋଳନ ଭାବରେ ଉଭା ହେବା ହେବା ଉଚିତ୍ । ସମାଜ ମଧ୍ୟ ଏହାର ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାଗିଦାରୀ ସହିତ ନିର୍ବାହ କରିବା ଆବଶ୍ୟକ । ଏହି ପଦକ୍ଷେପ ସାମୁଦାୟିକ ସହଭାଗିତାକୁ ସୁଦୃଢ଼ କରିବା ସହ ବିଦ୍ୟାଳୟର ଶାସନ ପ୍ରକ୍ରିୟାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ପ୍ରତ୍ୟେକ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଦିଲ୍ଲୀର ଶିକ୍ଷା ମନ୍ତ୍ରୀ ଶ୍ରୀ ଆଶିଷ ସୁଦ, ଛତିଶଗଡ଼ର ସ୍କୁଲ ଶିକ୍ଷା ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ଯାଦବ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ଶିକ୍ଷକଗଣ ଉପସ୍ଥିତ ଥିଲେ ।

ବାସନ ମାଜୁଥିଲେ, ଏବେ ବିଧାୟକ : କଲିତା ମାଝୀ

ଭୁବନେଶ୍ୱର, ୦୬।୦୫: ପଶ୍ଚିମବଙ୍ଗରେ ଅସ୍‌ଗ୍ରାମ ଏସ୍‌ସି-ଏସ୍‌ଟି ବିଧାନସଭା ଆସନରୁ ବିଜେପିର କଲିତା ମାଝୀ ବିଧାୟକ ହୋଇଛନ୍ତି । ଟିଏମ୍‌ସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେ ନିର୍ବାଚନ ଜିତିଛନ୍ତି । କଲିତାଙ୍କ ସଂଘର୍ଷର କାହାଣୀକୁ ନେଇ ଏବେ ଖୁବ୍ ଚର୍ଚ୍ଚା । ନିର୍ବାଚନ ସମୟରେ ପରିବାର ପ୍ରତିପାଳନ ଲାଗି କଲିତା ଘର ଘର ବୁଲି ବାସନ ମାଜୁଥିଲେ । ଏହି ଆୟରେ ତାଙ୍କ ଘର ଚଳୁଥିଲା । ଏବେ ବିଧାୟକ ହେବା ପରେ ତାଙ୍କ ସଂଘର୍ଷର ଦିନ ଶେଷ ହୋଇଛି । ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ କଲିତା ପ୍ରଥମ ଥର ଚର୍ଚ୍ଚାକୁ ଆସିଥିଲେ । ସେ ଅସ୍‌ଗ୍ରାମ ଆସନରୁ ବିଜେପିର ପ୍ରାର୍ଥୀ ହୋଇଥିଲେ, କିନ୍ତୁ ନିର୍ବାଚନ ଜିତି ପାରିନଥିଲେ । ୨୦୨୬ ନିର୍ବାଚନରେ କଲିତାଙ୍କ ଉପରେ ବିଜେପି ପୁଣି ଥରେ ଭରସା କରି ତାଙ୍କୁ ଟିକଟ ଦେଲା । ଟିଏମ୍‌ସିର ଶକ୍ତିଶାଳୀ ପ୍ରାର୍ଥୀ ଶ୍ୟାମା ପ୍ରସନ୍ନା ଲୋହାରଙ୍କ ବିପକ୍ଷରେ ତାଙ୍କୁ ମୈଦାନକୁ ଓହ୍ଲାଇଲା । ଏ ଥର କଲିତା ବାଜି ମାରିଲେ । ତାଙ୍କୁ ମୋଟ୍ ୧ ଲକ୍ଷ ୭ ହଜାର ୬୯୨ ଭୋଟ୍ ମିଳିଲା । ପ୍ରତିଦ୍ୱନ୍ଦ୍ୱୀ ଶ୍ୟାମା ପ୍ରସନ୍ନାଙ୍କୁ ୯୫,୧୫୭ ଭୋଟ୍ ମିଳିଲା । କଲିତା ୧୨ ହଜାରରୁ ଅଧିକ ଭୋଟ୍‌ରେ ନିର୍ବାଚନ ଜିତିଛନ୍ତି । ଗରିବ ପୃଷ୍ଠଭୂମିର ଜଣେ ମହିଳାଙ୍କ ପାଇଁ ଏହା ବଡ଼ ବିଜୟ । କାରଣ କଲିତାଙ୍କୁ ଆଜି ବି ଦି'ଓଳି ରୁଟି ପାଇଁ ସଂଘର୍ଷ କରିବାକୁ ପଡୁଛି । ପ୍ରାୟ ୧୦ ବର୍ଷ ପୂର୍ବେ କଲିତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା । ପ୍ରଥମେ ସେ ବୁଥ୍ ସ୍ତରୀୟ କର୍ମକର୍ତ୍ତା ଥିଲେ । ତାଙ୍କ ଭିତରେ ନେତୃତ୍ୱ କ୍ଷମତା ଓ ସକ୍ରିୟତା ବିଜେପିର ଧ୍ୟାନ ଆକର୍ଷଣ କଲା । ତା' ପରେ ତାଙ୍କୁ ଅବସର ମିଳିଲା । କଲିତା କହିଛନ୍ତି, ମୁଁ ବହୁତ ଖୁସି । ଏବେ ଏଠାରେ ଫାୟାର ବ୍ରିଗେଡ୍ ଓ ହସ୍ପିଟାଲର ବ୍ୟବସ୍ଥା କରାଇବି ।

ସରକାର ଗଠନ ପାଇଁ ବିଜୟଙ୍କ ଦାବି
ରାଜ୍ୟପାଳ କହିଲେ ଆଣ ୧୧୮ ବିଧାୟକଙ୍କ ଦସ୍ତଖତ

ନୂଆଦିଲ୍ଲୀ,୦୬।୦୫ (ନ୍ୟୁଏ):ତାମିଲନାଡୁ ରାଜନୀତିରେ ରୋଚକ ଦୃଶ୍ୟ । ସରକାର ଗଠନ କରିବା ପାଇଁ ଦାବି ଜଣାଇଛନ୍ତି ଟିଭିକେ । ବିଜୟଙ୍କ ଦଳ ନିର୍ବାଚନରେ ୧୦୮ ଆସନରେ ଜିତିଥିବାବେଳେ ସରକାର ଗଠନ ପାଇଁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟିଛନ୍ତି । ୧୧୨ ବିଧାୟକଙ୍କ ସମର୍ଥନ ଥିବା ଏକ ଦସ୍ତଖତ ଟିଭିକେ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି । ଏହାସହ ବିଜୟ ସରକାର ଗଠନ ପାଇଁ ଦାବି କରିଛନ୍ତି । ସେପଟେ ରାଜ୍ୟପାଳ କହିଛନ୍ତି କି, ଆଣନ୍ତୁ ୧୧୮ ବିଧାୟକଙ୍କ ଦସ୍ତଖତ । ଯେଉଁ କାରଣରୁ ଏହି ଦାବିକୁ ଫେରାଇ ଦେଇଛନ୍ତି ରାଜ୍ୟପାଳ । କହି ରଖୁଛୁ କି, ଯଦିଓ ତାମିଲନାଡୁରେ ସର୍ବାଧିକ ଆସନରେ ଟିଭିକେ ବିଜୟ ହୋଇଛି ବିଜୟଙ୍କ ଟିଭିକେ ତଥାପି ସେମାନଙ୍କ ପାଖରେ ନାହିଁ ମ୍ୟାଜିକ୍ ନମ୍ବର । ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସରକାର ଗଠନ ପାଇଁ ଆବଶ୍ୟକ ୧୧୮ ମ୍ୟାଜିକ୍ ନମ୍ବର । ବିଜୟ ଦୁଇଟି ଆସନରୁ ଲଢୁଥିବାବେଳେ ଗୋଟିଏ ଆସନ ଛାଡ଼ିବେ । ଟିଭିକେ ପାଖରେ ୧୦୭ ଆସନ ରହିଥିବାବେଳେ କଂଗ୍ରେସର ୫ ବିଧାୟକଙ୍କ ସମର୍ଥନ ବଳରେ ୧୧୨ରେ ପହଂଚିଛି । ଏବେ ଆଉ ୬ ବିଧାୟକଙ୍କ ସମର୍ଥନ ଆବଶ୍ୟକ ରହିଛି । ଯେଉଁ କାରଣରୁ ରାଜ୍ୟପାଳଙ୍କୁ କିଛି ସମୟ ଭେଟିଛନ୍ତି ବିଜୟ । ସେପଟେ ଟିଭିକେ କାର୍ଯ୍ୟାଳୟରେ କଂଗ୍ରେସ ନେତା । ଟିଭିକେ ମୁଖ୍ୟ ଥାଲାପତି ବିଜୟଙ୍କୁ ଭେଟିଛନ୍ତି । ଚେନ୍ନାଇ ଟିଭିକେ ମୁଖ୍ୟାଳୟରେ ଭେଟିଛନ୍ତି କଂଗ୍ରେସ ନେତା । କଂଗ୍ରେସ ନେତାଙ୍କୁ ସ୍ୱାଗତ କରିଛନ୍ତି ତାମିଲନାଡୁ ଭାବି ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ । ଟିଭିକେକୁ କଂଗ୍ରେସ ସମର୍ଥନ ଘୋଷଣା କରିଛି । ଆସନ୍ତାକାଲି ବିଜୟ ଶପଥ ନେବେ ବୋଲି ପୂର୍ବରୁ ଘୋଷଣା ହୋଇଛି । ଏହି ଶପଥ ସମାରୋହରେ ଯୋଗଦେବେ କଂଗ୍ରେସ ନେତା ରାହୁଲ ଗାନ୍ଧି । ଏବେ ମ୍ୟାଜିକ୍ ନମ୍ବର ହାସଲ କରିବା ପାଇଁ କେଉଁମାନେ ବିଜୟଙ୍କୁ ସମର୍ଥନ ଦେବେ ଏହା ଉପରେ ରହିଛି ସମସ୍ତଙ୍କ ନଜର ।

ଏକାଠି ହେଉଛନ୍ତି ବିରୋଧି

ନୂଆଦିଲ୍ଲୀ,୦୬।୦୫ (ନ୍ୟୁଏ): ତାମିଲନାଡୁ ନିର୍ବାଚନ ଫଳାଫଳରେ ରାଜ୍ୟରେ ନୂଆ ରାଜନୈତିକ ଦଳ ଟିଭିକେ ୧୦୮ ଆସନରେ ବିଜୟୀ ହୋଇଛି । ତଥାପି ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ହୋଇନାହିଁ । ତେବେ ରାଜ୍ୟରେ ଦୀର୍ଘଦିନ ଧରି ରହିଥିବା ଦ୍ରାବିଡ ଶାସନର ଅନ୍ତ ଘଟିଛି । ଦୁଇ ପ୍ରତିଦ୍ୱନ୍ଦ୍ୱି ଡିଏମକେ ଏବଂ ଏଆଇଏଡିଏମକେ ବହୁ ମତରୁ ଦୂରରେ ରହିଛନ୍ତି । କିନ୍ତୁ ବିଜୟଙ୍କୁ ଚେକ୍ ଦେବାକୁ ଏହି ଦୁଇ ଦଳ ଏକାଠି ହେଉଥିବା ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଦୁଇ ଦଳ ଏକ ହୋଇ ସରକାର ଗଠନ ନେଇ ଦାବି କରିବେ ବୋଲି ଏକ ଚର୍ଚ୍ଚା ଲାଗିଛି । ତଥାପି ଏନେଇ କୌଣସି ସରକାରୀ ତଥ୍ୟ ମିଳିନାହିଁ । ବୁଧବାର ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିଥିଲେ ବିଜୟ । ୧୧୨ ବିଧାୟକଙ୍କ ସମର୍ଥନ ଥିବା ଏକ ଦସ୍ତଖତ ଟିଭିକେ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହାସହ ବିଜୟ ସରକାର ଗଠନ ପାଇଁ ଦାବି କରିଥିଲେ । କିନ୍ତୁ ରାଜ୍ୟପାଳ କହିଥିଲେ କି, ଆଣନ୍ତୁ ୧୧୮ ବିଧାୟକଙ୍କ ଦସ୍ତଖତ । ଯେଉଁ କାରଣରୁ ଏହି ଦାବିକୁ ଫେରାଇ ଦେଇଥିଲେ ରାଜ୍ୟପାଳ । ଏପଟେ ଦୁଇ ପ୍ରତିଦ୍ୱନ୍ଦ୍ୱି ଡିଏମକେ ଏବଂ ଏଆଇଏଡିଏମକେ ଟିଭିକେକୁ ସରକାର ଗଠନ କରିବାକୁ ଦେବେନାହିଁ ବୋଲି ଚର୍ଚ୍ଚା ହେଉଛି । ଦୀର୍ଘବର୍ଷର ପ୍ରତିଦ୍ୱନ୍ଦ୍ୱୀ ବିଜୟଙ୍କୁ ହରାଇବା ପାଇଁ ଏକ ହେବାକୁ ଯାଉଥିବା ଏକ ଚର୍ଚ୍ଚା ଏବେ ହେଉଛି । ଡିଏମକେ ପାଖରେ ୫୯ ବିଧାୟକ ରହିଥିବାବେଳେ ଏଆଇଏଡିଏମକେ ପାଖରେ ଅଛନ୍ତି ୪୭ ବିଧାୟକ । ତେବେ ଉଭୟ ସଂଖ୍ୟା ମ୍ୟାଜିକ୍ ନମ୍ବର କରିପାରୁନି ।

ହିମନ୍ତଙ୍କ ବଡ଼ ଦାବି, କହିଲେ ଜିତିଥିବା ୬ କଂଗ୍ରେସ ବିଧାୟକ ଅଛନ୍ତି ଆମ ସହ

ନୂଆଦିଲ୍ଲୀ,୦୬।୦୫ (ନ୍ୟୁଏ):ଆସାମରେ ବିଜେପିର ହ୍ୟାଟ୍ରିକ୍ ବିଜୟ । ପୁଣିଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ହିମନ୍ତ ବିଶ୍ୱଶର୍ମା । ତେବେ ଏକ ଜାତୀୟ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଧୁରନ୍ଧର ସମ୍ପର୍କରେ କହିଛନ୍ତି । ସେ ଦାବି କରିଛନ୍ତି କି, କଂଗ୍ରେସର ୩୦ ଜଣ ପ୍ରାର୍ଥୀ ଆମ ସହ ରହିଛନ୍ତି । ଏହାସହ ବିଜୟୀ ହୋଇଥିବା ୬ ବିଧାୟକ ମଧ୍ୟ ଆମ ସହ ସମ୍ପର୍କରେ ରହିଛନ୍ତି । ଆମ ସହ ଭଲ ସମ୍ପର୍କରେ ରହିଥିବା ୩୦ ଜଣ ପ୍ରାର୍ଥୀଙ୍କୁ କଂଗ୍ରେସ ଟିକେଟ୍ ଦେଇଥିଲା । ଯେଉଁମାନଙ୍କ ମଧ୍ୟରୁ ୬ ଜଣ ଜିତିଛନ୍ତି । ଏମାନେ ଆମ ସହ ରହିଥିବା ସେ ଦାବି କରିଛନ୍ତି । ତେବେ ଏହାକୁ ନେଇ ତାଙ୍କୁ ପ୍ରଶ୍ନ କରାଯାଇଥିଲା କି, ସେମାନେ କଣ ଗୁପ୍ତଚର କି । ଉତ୍ତରରେ କହିଥିଲେ କି, ନାଁ ଗୁପ୍ତଚର ନୁହଁନ୍ତି । ସେମାନଙ୍କର ମଧ୍ୟ ରାଜନୈତିକ କ୍ୟାରିୟର ଅଛି । ସେମାନେ ବିଜେପିରେ ଯୋଗଦେଲେ ହାରିଯିବେ ବୋଲି ଜଣାଇଛନ୍ତି । ତେଣୁ ସେମାନେ ଖୋଲିଖୋଲି ଭାବେ ଆମକୁ ସାହାଯ୍ୟ କରୁନାହାନ୍ତି । କିନ୍ତୁ କିଛି ବିଧାୟକ ଖୋଲାଖୋଲି ଭାବେ ମଧ୍ୟ ଆମକୁ ସହଯୋଗ କରୁଛନ୍ତି । ତେବେ ଆମେ ଯଦି କହିବା ତାହେଲେ ଆସାମରେ ଜିତିଥିବା ୧୯ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ରହିଛନ୍ତି ୧୮ ଜଣ ମୁସଲମାନ । ମାତ୍ର ଜଣେ ହିନ୍ଦୁ ବିଧାୟକ ନିର୍ବାଚନରେ ଜିତିଛନ୍ତି । ଜୟପ୍ରକାଶ ଦାସ କେବଳ ଏକା ହିନ୍ଦୁ ବିଧାୟକ କଂଗ୍ରେସ ପକ୍ଷରୁ ଜିତିଛନ୍ତି । ଆସାମରେ କଂଗ୍ରେସ ହେଉଛି ମିଆଁ ମୁସଲମାନଙ୍କ ଦଳ । ଯେଉଁ କାରଣରୁ ଆସାମରେ ହିନ୍ଦୁମାନେ କଂଗ୍ରେସକୁ ଭୋଟ ଦିଅନ୍ତି ନାହିଁ । ଏହାସହ ସେ ଦାବି କରିଛନ୍ତି କି, ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସର ୬ ବିଧାୟକଙ୍କ ବିଜେପି ସପକ୍ଷରେ ମତଦାନ କରିବେ । ୨୦୧୬ ମସିହାରୁ ଆସାମରେ ବିଜେପି କ୍ଷମତାରେ ରହିଛି । ଚଳିତ ନିର୍ବାଚନରେ ଦଳ ୧୨୯ ଆସନରୁ ୯୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ଏବଂ ୮୨ ଆସନରେ ଜିତିଛି । ଦଳର ରେକର୍ଡ୍ ରହିଛି ୯୨ ପ୍ରତିଶତ । ତେବେ ବିଜେପି ସହ ଏନଡିଏ ମେଣ୍ଟରେ ଲଢୁଥିବା ସହଯୋଗୀ ଦଳ ଆସମ ଗଣ ପରିଷଦ ଏବଂ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଂଟ ରହିଛନ୍ତି । ଏହି ମେଂଟ ୧୦୨ ଆସନରେ ବିଜୟୀ ହୋଇଛନ୍ତି । ବଡ଼ ବ୍ୟବଧାନରେ ବିଜୟୀ ହୋଇ ସରକାର ଗଠନ କରିବାକୁ ଯାଉଛନ୍ତି ।

ନୂଆପଡାରେ ସାଇବର ସୁରକ୍ଷା କର୍ମଶାଳା: ଠକେଇରୁ ସଚେତନ ରହିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ନୂଆପଡା, ୦୬।୦୫(ଆ.ପ୍ର) : ନୂଆପଡାରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ପକ୍ଷରୁ "ଅନଲାଇନ ସୁରକ୍ଷା, ସାଇବର ଅପରାଧ ଓ ଡିଜିଟାଲ ବୁଲିଂ" ବିଷୟରେ ଜିଲ୍ଲାସ୍ତରୀୟ କର୍ମଶାଳା ସଦ୍ଭାବନା ସଭାଗୃହରେ ଆୟୋଜିତ ହୋଇଯାଇଛି । "ବେଟି ବଚାଓ ବେଟି ପଢ଼ାଓ" ଯୋଜନା ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଉଦଘାଟନ କରିଥିଲେ । ସେ ଉପସ୍ଥିତ ସମସ୍ତଙ୍କୁ ସାଇବର ଠକେଇ ପ୍ରତି ସଚେତନ ରହିବା ଓ ତାହାର ପ୍ରତିରୋଧ ଉପାୟ ବିଷୟରେ ଅବଗତ କରାଇଥିଲେ । ଏହାସହ ସେ ସଡ଼କ ସୁରକ୍ଷା ପାଇଁ ହେଲମେଟ ପିନ୍ଧିବାର ଗୁରୁତ୍ୱ ଉଲ୍ଲେଖ କରି "ହେଲମେଟ ହବ୍" ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍ ଗୀତା ଅତିଥି ପରିଚୟ ପ୍ରଦାନ କରି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ମହିଳା ଓ କିଶୋରୀମାନଙ୍କୁ ଅନଲାଇନ ଜଗତରେ ସୁରକ୍ଷିତ ରହିବା, ସାଇବର ଅପରାଧର ପ୍ରକାର, ପ୍ରଭାବ ଓ ପ୍ରତିରୋଧ ବିଷୟରେ ସଚେତନ କରାଇବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ । କର୍ମଶାଳାରେ ଡିଏଲଏସଏ ସଚିବ ନବନୀତା ଦାସ, ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀ ବିନୟ ତିୱାରୀ ଓ ସାଇବର ଥାନା ଆଇଆଇସି ମହେଶ୍ୱର ପାଣିଗ୍ରାହୀ ବକ୍ତା ଭାବେ ଯୋଗଦେଇଥିଲେ । ସେମାନେ ଫିସିଙ୍ଗ, ଅନଲାଇନ ଠକେଇ, ସୋସିଆଲ ମିଡିଆର ଦୁରୁପଯୋଗ ଓ ଡିଜିଟାଲ ବୁଲିଂ ଭଳି ସାଇବର ଅପରାଧର ବିଭିନ୍ନ ରୂପ ସହ ଏହାର ଆଇନଗତ ପ୍ରତିକାର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ମୋବାଇଲ ଓ ସୋସିଆଲ ମିଡିଆ ବ୍ୟବହାର ସମୟରେ ଗୋପନୀୟତା ରକ୍ଷା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର ଓ ଅଜଣା ଲିଙ୍କ ଓ ସନ୍ଦେଶକୁ ଏଡ଼ାଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ସେଥିପାଇଁ ସାଇବର ଅପରାଧ ଘଟିଲେ କିପରି ଅଭିଯୋଗ କରିବେ, ଜାତୀୟ ସାଇବର କ୍ରାଇମ ପୋର୍ଟାଲ ଓ ହେଲ୍ପଲାଇନ୍ ନମ୍ବର ୧୯୩୦ ବିଷୟରେ ଅଂଶଗ୍ରହୀମାନଙ୍କୁ ଅବଗତ କରାଯାଇଥିଲା । ଡିଜିଟାଲ ବୁଲିଂର ପ୍ରଭାବ ଓ ତାହାର ପ୍ରତିରୋଧ ପାଇଁ ମନୋସାମାଜିକ ସହାୟତାର ଆବଶ୍ୟକତା ଉପରେ ମଧ୍ୟ ଜୋର ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀମାନେ, ବିଭିନ୍ନ ବିଭାଗର କର୍ମଚାରୀ, ପୋଲିସ ପ୍ରତିନିଧି, ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଏହି ଅବସରରେ "ବେଟି ବଚାଓ ବେଟି ପଢ଼ାଓ" ଯୋଜନା ଅଧୀନରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ଅର୍ଜନ କରିଥିବା ଛାତ୍ରୀ କୁମାରୀ ପୁନମ ମେହେରଙ୍କୁ ସମ୍ମାନିତ କରାଯାଇଥିଲା । ସହିତେ ସାଇବର ସୁରକ୍ଷା ସଚେତନତା ପ୍ରଚାର ପାଇଁ ତିନିଜଣ ବ୍ରାଣ୍ଡ ଆମ୍ବାସଡରଙ୍କୁ ମାନପତ୍ର ଓ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଜିଲ୍ଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀଙ୍କ ସହ ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ରାକେଶ ନାଗ, ସୁମିତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଳା ଧନ୍ୟବାଦ ଜ୍ଞାପନ କରିଥିଲେ ।

ଘରୁ ଘୋଷାରି ଆଣି ମା' ପୁଅକୁ ଆକ୍ରମଣ ଘଟଣା
ଖବର ପ୍ରକାଶ ପରେ ପକ୍ଷ ଓ ପ୍ରତିପକ୍ଷଙ୍କ ଅଭିଯୋଗକୁ ଭିତିକରି ୨ଟି ପୃଥକ ମାମଲା

ଅସ୍ତରଙ୍ଗ, ୦୬।୦୫(ଆ.ପ୍ର) : ନଗର ପଂଚାୟତ କାଳିଆକଣରୁ ହେମ ବେହେରା(୬୪) ବର୍ଷୀୟ ମହିଳା ଓ ତାଙ୍କ ପୁଅକୁ ୭ ଜଣ ମିଳିମିଶି ମାଡମାରିବା ଘଟଣାରେ ପକ୍ଷ ଓ ପ୍ରତିପକ୍ଷଙ୍କ ନାଁରେ ଅସ୍ତରଙ୍ଗ ଥାନା ୧୧୮/୨୬ ଓ ୧୧୯/୨୬ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଘଟଣାକୁ ରଫାଦଫା କରିବାକୁ ସମସ୍ତେ ଲାଗିପଡ଼ିଥିଲା ବେଳେ ହଠାତ୍ ୪ ତାରିଖ ରାତି ୨.୩୦ରେ ପ୍ରଥମ ମାମଲା ଓ ରାତି ୨.୪୦ରେ ଦ୍ୱିତୀୟ ମାମଲାଟି ପଞ୍ଜିକରଣ ହୋଇଛି । ସବୁଠାରୁ ବଡ଼କଥା ହେଲା ୫ ତାରିଖ ସକାଳ ପର୍ଯ୍ୟନ୍ତ ଅସ୍ତରଙ୍ଗ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା ବେଳେ ଖବର ପ୍ରକାଶ ପରେ ତରିଗଲା କି ପୁଲିସ୍ । ନିଜ ଆଡୁ ଦୋଷ ଖସାଇବାକୁ ପଛୁଆ ତାରିଖ ଓ ସମୟ ଏଠାରେ ବ୍ୟବହାର କରିବା ଏଠି ବାରିହୋଇପଡୁଛି । ସୂଚନାନୁସାରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କାଳିଆକଣରେ ହେମ ବେହେରାଙ୍କ ଘର ନିକଟରେ କାର ଲଗାଇ ପୁଅକୁ ଘରୁ ଟାଣି ଆଣି ବାହାରେ ମା' ପୁଅକୁ ୭ ଜଣ ବ୍ୟକ୍ତି ମାଡମାରିବା ଓ ଧମକ ଚମକ ଦେବା ସେ ବିଷୟରେ ସେ ୩ ତାରିଖରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ

ଏହି ଘଟଣାରେ ଚାପ ସୃଷ୍ଟିକରି କୌଣସିମତେ ରଫାଦଫା ପାଇଁ ଥାନା ଭିତରେ ଦୀର୍ଘ ୨୪ ଘଂଟା କସରତ ଚାଲିଥିଲା । ଘଟଣାଟିକୁ ଅଭିଯୋଗକାରୀଙ୍କ ପକ୍ଷରୁ ଗଣମାଧ୍ୟମ ନଜରକୁ ଆସିବାରେ ସମସ୍ତଙ୍କ ଚିନ୍ତା ବଢିଥିଲା । ଥାନା ଭିତରେ କେତେକ ବ୍ୟକ୍ତି ଓ ପୁଲିସର ହାତ ଛପେଇ ଯୋଗୁ ଦଣ୍ଡିଆରିରି କରୁଥିବା ବ୍ୟକ୍ତି ଖବର ପ୍ରକାଶ ନକରିବାକୁ ଗଣମାଧ୍ୟମକୁ ବାରଣ କରିଥିଲେ । ସବୁଠାରୁ ବଡ଼କଥା ହେଲା ଅନ୍ୟ ଜିଲ୍ଲାରେ କାର୍ଯ୍ୟକରୁଥିବା ଜଣେ ପୁଲିସ୍ ଅଫିସର ସଂଗଠିତ ଘଟଣାରେ ସମ୍ପୃକ୍ତି ଥିବା ଓ ତାଙ୍କ ପରିବାର ନାଁରେ ହେବାରୁ ପୁଲିସର ଟିକିଏ ଅନୁକମ୍ପା ଥିଲା । ଏନେଇ ଥାନାରେ ଅଭିଯୋଗ ପରେ ଅସ୍ତରଙ୍ଗ ପୁଲିସ ନିଜ ପୁଲିସ୍ ଭାଇକୁ ଅବା ଅନୁକମ୍ପା ନଦେଖାଇବେ କାହିଁକି ! ସେ ଯାହା ହେଉନା କାହିଁକି ଘଟଣା ସମ୍ପର୍କରେ ଚାରିଆଡେ ପ୍ରଚାରିତ ହେବା ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ହେମ ବେହେରାଙ୍କ ଅଭିଯୋଗରେ ୧୧୮/୨୬ ରେ ଶିବଚରଣ ବେହେରା, ଟୁକୁନା ବେହେରା, ପଂଚୁ ବେହେରା , ଦେଇ ବେହେରା, ଦେଭଳି ବେହେରା, ମାଗ। ସାହୁ ଓ ଜ୍ୟୋସ୍ନାରାଣୀ ବେହେରାଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି । ସେହିପରି ପ୍ରତିପକ୍ଷ ଦେଇ ବେହେରାଙ୍କ ଅଭିଯୋଗକୁ ନେଇ ୧୧୯/୨୬ରେ ଜଳି ବେହେରା, ମାଗୁ ବେହେରା, ରାକୁ ବେହେରା ଓ କାକୁ ବେହେରାଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି । ପ୍ରଥମ ପକ୍ଷ ହେମ ବେହେରାଙ୍କ ଅଭିଯୋଗ ମୁତାବକ ସ୍ଥାନୀୟ ଅଂଚଳରୁ ୭ ଜଣ ବ୍ୟକ୍ତି ଏକ କାରରେ ଘର ନିକଟରେ ପହଂଚିବା ସହ ଘର ଭିତରୁ ତାଙ୍କ ପୁଅକୁ ଟାଣି ବାହାରେ ମାଡମାରିବା ଓ ପ୍ରତିରୋଧ କରିବାରେ ସେ ଆକ୍ରମଣର ଶିକାର ହୋଇଥିଲେ । ସେହିପରି ପ୍ରତିପକ୍ଷ ଦେଇ ବେହେରାଙ୍କ ଅଭିଯୋଗ ଯେ ସ୍ୱାମୀ ସ୍ତ୍ରୀ ଘରେ ଏକୁଟିଆ ରୁହନ୍ତି । ୧ ତାରିଖ ଦିନ ତାଙ୍କ ଘର ସମ୍ମୁଖରେ ପଡୋଶୀ କାଳି ବେହେରା ନାମକ ଜଣେ ମହିଳା ପରିସ୍ରା କରିଥିଲେ । ଏହାକୁ ବାରଣ କରିବାରୁ ସେ ଓ ତାଙ୍କ ତିନି ପୁଅ ତାଙ୍କୁ ଅଭଦ୍ର ଭାଷାରେ ଗାଳିମନ୍ଦ ସହ ତାଙ୍କ ସ୍ୱାମୀଙ୍କୁ ମାଡ ମାରିଥିଲେ । ଏ ବିଷୟରେ ମହିଳା ଜଣକ ତାଙ୍କ ଝିଅ ଜ୍ୱାଇଁଙ୍କୁ ଜଣାଇଥିଲେ । ହଠାତ୍ ୩ ତାରିଖ ପରେ ପଶି ଟାଣି ଆଣି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ମାଡମାରିବା ଓ ଧମକ ଚମକ ଦେବା ବିଷୟରେ ପ୍ରତିପକ୍ଷଙ୍କୁ ପକ୍ଷରୁ ଅଭିଯୋଗ ହୋଇଛି । ଏକୁଟିଆ ରହୁଥିବା ସ୍ୱାମୀ ସ୍ତ୍ରୀଙ୍କୁ ସୁରକ୍ଷା ଦେବା ସମେତ ନ୍ୟାୟ ପାଇଁ ପ୍ରତିପକ୍ଷ ମହିଳା ଜଣକ ଅଭିଯୋଗ ଦର୍ଶାଇଛନ୍ତି । ଏହି ଅଭିଯୋଗକୁ ଭିତିକରି ୧୧୯/୨୬ ରେ ମାଗୁ ବେହେରା, ରାକୁ ବେହେରା ଓ କାକୁ ବେହେରାଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି । କାହା ଅଭିଯୋଗରେ କେତେ ସତ୍ୟତା ଅଛି ତାହା ତ ତଦନ୍ତ ପରେ ଜଣାପଡିବ । କିନ୍ତୁ ୧ ତାରିଖରେ ପ୍ରଥମ ଘଟଣା ଘଟିବାରେ ପ୍ରତିପକ୍ଷ ଥାନାରେ ଆସି ପ୍ରଥମେ ଅଭିଯୋଗ ନକରି ଏଠାରେ ୩ ତାରିଖରେ ଅର୍ଥାତ୍ ପ୍ରଥମ ପକ୍ଷଙ୍କ ପରେ ଅଭିଯୋଗ କରିଛନ୍ତି । ଅସ୍ତରଙ୍ଗ ପୁଲିସ୍ ଏଠାରେ ପ୍ରଥମ ଅଭିଯୋଗକୁ ଗ୍ରହଣ କରି ଜାଣିଶୁଣି ରଫାଦଫା କରିବାକୁ ଚେଷ୍ଟା କରିବା ଓ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଛି । ପ୍ରତିପକ୍ଷଙ୍କ ଅଭିଯୋଗକୁ ଗ୍ରହଣକରି ନିଜ ଆଡୁ ଦୋଷ ହଟାଇବାକୁ ପକ୍ଷ ଓ ପ୍ରତିପକ୍ଷଙ୍କ ନାଁରେ ଦୁଇଟି ପୃଥକ ମାମଲା ରୁଜୁ କରିବା ସ୍ପଷ୍ଟ ବାରିହୋଇପଡୁଛି । ଯଦି ଅସ୍ତରଙ୍ଗ ଥାନାରେ ଏମିତି ଚାଲେ, ତେବେ ସାଧାରଣ ଲୋକଙ୍କ ପୁଲିସ୍ ଉପରୁ ବିଶ୍ୱାସ ତୁଟିଯିବ ବୋଲି ଚାରିଆଡେ ଚର୍ଚ୍ଚା ହେଉଛି ।

ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କଲେ ମନ୍ତ୍ରୀ ରବି ନାରାୟଣ ନାଏକ

ନବରଙ୍ଗପୁର, ୦୬।୦୫(ଆ.ପ୍ର) : ଆଜି ଗ୍ରାମ୍ୟ ଉନ୍ନୟନ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଂଟି ବ୍ଲକର ଲମତାଗୁଡ଼ା ଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ସେତୁବନ୍ଧ ଯୋଜନା, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଛନ୍ତି । ତେନ୍ତୁଳିଖୁଂଟି ଓ ନନ୍ଦାହାଣ୍ଡି ପଂଚାୟତ ସମିତି ଅନ୍ତର୍ଗତ ୨୨ ଗୋଟି ଗ୍ରାମ ପଂଚାୟତ ପାଇଁ ୧୪୯ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ୧୦୦ ଟି ଗ୍ରାମର ୩୮୬୦୯ ଗୋଟି ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯିବ । ମୁଖ୍ୟ ଅତିଥିଙ୍କ କରକମଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଭାଗ ୧ ଓ ୨ ର ୨୬୭ କୋଟି ୨୭ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୩୨ ଗୋଟି ରାସ୍ତା ଓ ୪ ଗୋଟି ସେତୁବନ୍ଧର ଶିଳାନ୍ୟାସ କରାଯାଇଥିଲା । ସେହିଭଳି ମୁଖ୍ୟ ଅତିଥି ପଂଚାୟତିରାଜ ବିଭାଗର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ୨୯ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୧୮ ଗୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ । ରାଇଘର ପଂଚାୟତ ସମିତି ଜଳ ଜୀବନ ଅନ୍ତର୍ଗତ ୨ ଟି ପ୍ରକଳ୍ପ ୭ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛତାବେଡା ଓ ଦେଓରାଣ୍ଡି ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଙ୍କ ସମେତ ସାଂସଦ ଲୋକସଭା ବଳଭଦ୍ର ମାଝୀ, ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ବିଧାୟକ ଝରିଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଖାନ, ତେନ୍ତୁଳିଖୁଂଟି ବ୍ଲକ ଅଧ୍ୟକ୍ଷ ନୀଳାଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ଇଞ୍ଜିନିୟର ଇନ ଚିଫ ରତ୍ନାକର ସିଆଳ ଉପସ୍ଥିତ ଥିଲେ । ଲମତାଗୁଡାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟ ଅତିଥି ପ୍ରଥମେ ଡି ଆଇ ଇ ଟି ନିକଟସ୍ଥ କୋଇଗୁଡ଼ା ଠାରେ ବନିଆ, ଚିଲିଗୁଡ଼ା ଓ ମାଲିଗୁଡ଼ା ଦେଇ ୨୦ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଲମତାଗୁଡ଼ା ଠାରେ ଗ୍ରାମ ପଂଚାୟତ କାର୍ଯ୍ୟାଳୟର ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପଂଚାୟତ ସହାୟତା ଓ ବ୍ୟାଙ୍କିଙ୍ଗ ସେବା କେନ୍ଦ୍ରକୁ ଉଦ୍ଘାଟନ କରିଥିଲେ । ଫୋଟାଗୁଡା ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଫୋମଟାଗୁଡା ଠାରୁ ପାନସଡ଼ୁକା ପର୍ଯ୍ୟନ୍ତ ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ ଏବଂ ଦେଓପାଲି ଡ୍ୟାମ ପରିଦର୍ଶନ କରିଥିଲେ । ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମନ୍ତ୍ରୀ ନିଜ ବକ୍ତବ୍ୟରେ ଜିଲ୍ଲାର ଭିତିଭୂମି ବିକାଶ, ପାନୀୟଜଳ ଯୋଗାଣ, ଗମନାଗମନ, ଅନ୍ତୋଦୟ ଗୃହ ଯୋଜନା, ନୂତନ ମେଡିକାଲ କଲେଜ ନିର୍ମାଣ, ରେଳ ଯୋଗାଯୋଗ, ପର୍ଯ୍ୟଟନ ସ୍ଥଳୀର ବିକାଶ, ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ, ଆୟୁଷ୍ମାନ କାର୍ଡ ଦ୍ୱାରା ସ୍ୱାସ୍ଥ୍ୟ ସେବାକୁ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାକୁ ଏକ ମୋଡେଲ ଜିଲ୍ଲା ଭାବେ ପ୍ରତିପାଦନ କରିବାରେ ପ୍ରୟାସ ଜାରି ରହିଛି ବୋଲି କହିଥିଲେ । ସାଂସଦ ଲୋକସଭା ବଳଭଦ୍ର ମାଝୀ ଏବଂ ବିଧାୟକ ଗଣ ନିଜ ବକ୍ତବ୍ୟରେ ଜିଲ୍ଲାର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ସହ ଲୋକଙ୍କ ସହଭାଗିତା କୁ ଉଲ୍ଲେଖ କରିଥିଲେ । ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଭାରେ ଅନ୍ତୋଦୟ ଗୃହ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ସଭାରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଜିଲ୍ଲା ପଂଚାୟତି ରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଜଳ ଓ ପରିମଳ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଯାଜପୁର ସଂସ୍କୃତି ଭବନ ପରିସରରେ ବିଜେଡି ପକ୍ଷରୁ କାର୍ଯ୍ୟକରଣୀ ବୈଠକ ଅନୁଷ୍ଠିତ

ଯାଜପୁର, ୦୬।୦୫(ଆ.ପ୍ର) : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରିଣୀ ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିରୋଧୀ ଦଳର ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ପ୍ରମୁଖ ଯୋଗ ଦେଇ ତୃଣମୂଳ ସ୍ତରରେ କିଭଳି ଦଳକୁ ସଂଗଠିତ କରିହେବ ସେ ନେଇ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଯାଜପୁର ଜିଲ୍ଲାର ସମସ୍ତ ନେତା ଓ କର୍ମୀ ମାନେ ଏହି ସଭାରେ ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ବିଜେଡି କିପରି ଆଗକୁ ବଢ଼ିବା ସହିତ ଦଳର ମୁଖ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ସହ ଦଳ କିପରି ଆଗକୁ ବଢ଼ିବ ସେଥିପାଇଁ ଏକ ମହାବୈଠକ ହୋଇଥିଲା । ବିଜେଡି ଦଳର ସମସ୍ତ ବିଧାୟକ ଓ କର୍ମକର୍ତ୍ତା ଜନସାଧାରଣ ମାନଙ୍କୁ ଏହି ଅପାରଗତା ସରକାର ଙ୍କ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ଦିଗରେ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ଆଗକୁ ପଂଚାୟତ ଓ ପୌର ନିର୍ବାଚନ ଥିବାରୁ ବିଜେଡି କିପରି ଆଗକୁ ବଢ଼ିବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପ୍ରତିରଞ୍ଜନ ଘଡେଇ ଉପସ୍ଥିତ ରହିଥିଲେ । ଅପାରଗତା ସରକାରଙ୍କ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ଏହି ବୈଠକର ମୁଖ୍ୟ କାରଣ ଥିଲା ।

ସୀମା ଚିହ୍ନଟକୁ ମାନିଲେନି, ଜାଗାରୁ ଓପାଡ଼ି ଦେଲେ ଖୁଂଟ
ଥାନାରେ ଅଭିଯୋଗ ପରେ ମାମଲା

ଅସ୍ତରଙ୍ଗ, ୦୬।୦୫(ଆ.ପ୍ର) : ସରକାରୀ ମାପଚୁପ ପରେ ସୀମା ଚିହ୍ନଟକୁ ମାନିଲେନି ଓ ଖୁଂଟ ଓପାଡି ସବୁ ନେଇଯିବାକୁ ନେଇ କେନ୍ଦ୍ରାପାଟିରୁ ପ୍ରଶନ୍ନ ବେହେରାଙ୍କ ଅଭିଯୋଗ କ୍ରମେ ଅସ୍ତରଙ୍ଗ ଥାନାରେ ୧୨୦/୨୬ରେ ୧୦ ଜଣଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି । ସୂଚନାନୁସାରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କେନ୍ଦ୍ରାପାଟିର ପ୍ରଶନ୍ନ ବେହେରା କରିଥିବା ଅଭିଯୋଗ ମୁତାବକ ତାଙ୍କ ମୃତ ପିତା ଈଶ୍ୱର ଚନ୍ଦ୍ର ବେହେରାଙ୍କ ନାମରେ ଥିବା ଜମି ଖାତା ନଂ ୪୨୨ ପ୍ଲଟ୍ ନଂ ୩୮ ଓ ୪୦ ଏରିଆ ୨୦ ଡିସିମିଲି ମୌଜା ମୁଦୁଗଲରେ ରହିଛି । ଉପରୋକ୍ତ ମୁଦୁଲାଙ୍କ ଜମି ପ୍ରଶନ୍ନ ବେହେରାଙ୍କ ସୀମାକୁ ଲାଗିରହିବାରେ ବିବାଦ ଉପୁଜିଥିଲା । ଉକ୍ତ ଜାଗାରୁ ଉପରୋକ୍ତ ବ୍ୟକ୍ତିମାନେ ଜବରଦସ୍ତ ମାଟି, ବାଉଁଶ ଓ ଆମ୍ବ ପ୍ରଭୃତି ନେଇଯିବାରେ ପ୍ରଶନ୍ନ ବେହେରା ଅସ୍ତରଙ୍ଗ ତହସିଲରେ ସୀମା ଚିହ୍ନଟ ପାଇଁ ଆବେଦନ କରିଥିଲେ । ଗତ ୨୭.୦୭.୨୦୨୦ରେ ଅସ୍ତରଙ୍ଗ ତହସିଲଦାରଙ୍କ ପକ୍ଷରୁ କେନ୍ଦ୍ରାପାଟି ଆରଆଇ, ସରକାରୀ ଅମିନ ଓ ପୁଲିସ୍ ଉପସ୍ଥିତିରେ ମାପଚୁପ ହୋଇ ହୋଇଥିଲା । ଉଭୟଙ୍କ ଉପସ୍ଥିତି ଓ ସହମତିରେ ସୀମା ଚିହ୍ନଟ ହୋଇ ଖୁଂଟ ପୋତାଯାଇଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଉପରୋକ୍ତ ବ୍ୟକ୍ତି ସୀମାଚିହ୍ନଟକୁ ନାମାନି ଖୁଂଟ ଉପାଡିଦେବା, ସେ ଜାଗାକୁ ପୁନଃ ଦଖଲ କରି ମାଟି, ଆମ୍ବ ଓ ବାଉଁଶ ପ୍ରମୁଖ ଜିନିଷ ନେଇଯିବା, ପ୍ରତିବାଦ କରିବାରୁ ଗାଳିମନ୍ଦ କରି ମରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାକୁ ଧମକ ସମ୍ପର୍କରେ ପ୍ରଶନ୍ନ ଅସ୍ତରଙ୍ଗ ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳପ୍ରଦ ହେଉନଥିଲା । ପ୍ରଶନ୍ନ ବେହେରାଙ୍କ ପରିବାର ସଦସ୍ୟ ସରକାରୀ ଚାକିରିଆ ହୋଇଥିବାରୁ କେଶରେ ଫସାଇ ଚାକିରୀ ନେଇଯିବାକୁ ଧମକ ମିଳିବା ଓ ଜାଗାକୁ ଜବର ଦଖଲ କରିବାକୁ ସେ ପୁନଃ ଥାନାରେ ଅଭିଯୋଗ କରିଥିଲେ । ଯାହାକୁ ନେଇ ଉପରୋକ୍ତ ୧୦ ଜଣ ବ୍ୟକ୍ତିଙ୍କ ନାମରେ ଅସ୍ତରଙ୍ଗ ଥାନାରେ ୧୨୦/୨୬ ରେ ରାକେଶ ବେହେରା, ଚିତ୍ରସେନ ବେହେରା, ଦୁଃଶାସନ ବେହେରା, ଶାନ୍ତି ବେହେରା, କରଣ ବେହେରା, ଯୁଧିଷ୍ଠିର ବେହେରା, ଅଜଳା ବେହେରା, ବିଜୁଳି ବେହେରା, ମାନସ ବେହେରା ଓ ମାନିଆ ବେହେରା ପ୍ରମୁଖ ବ୍ୟକ୍ତିଙ୍କ ନାମରେ ଏକ ମାମଲା ରୁଜୁ ହୋଇ ସେମାନେ ବିବାଦ ଭିତରକୁ ଟାଣିହୋଇଛନ୍ତି । ମାମଲା ରୁଜୁ ପରେ ଘଟଣାକୁ ନେଇ ପୁଲିସ୍ ତଦନ୍ତ କରିବା ସୂଚନା ମିଳିଛି ।

ଯାଜପୁର ସହରରେ ବେଆଇନ୍ ଭାବେ ଶହଶହ ଟ୍ରିପ୍ ଚୋରା ବାଲି ଗଚ୍ଛିତ



ଯାଜପୁର, ୦୬।୦୫(ଆ.ପ୍ର) : ଯାଜପୁର ସହରର ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ବେଆଇନ୍ ବାଲି ଗଚ୍ଛିତ ଥିବା ବେଳେ ଖଣି ବିଭାଗ ଓ ଯାଜପୁର ତହସିଲଦାର ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହା ଫଳରେ ଚୋରା ବାଲି ଚାଲାଣ କରି ବାଲି ମାଫିଆ ମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ସହିତ ବିଭାଗୀୟ ଅଧିକାରୀ ବାବୁ ମାନେ ପକେଟ୍ ଗରମ କରିବାରେ ବ୍ୟସ୍ତ । ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉନାହିଁ । ଯାହା ପାଇଁ ଚୋରା ବାଲି ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରଶାସନ ର ବଡ଼ବଡ଼ ଅଧିକାରୀ ବାବୁ ମାନଙ୍କୁ ହାତକରି ଚୋରା ବାଲି ମାଫିଆ ମାନେ ଦିନ ରାତି ମାନୁନାହାନ୍ତି । ଦିନ ଦିପହରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚୋରା ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ଯାହା ଶୁଣିବାକୁ ମିଳେ ଉପରିସ୍ଥ ଅଧିକାରୀଙ୍କ ପ୍ରିୟଭାଜନ ହୋଇପାରିଥିବା କିଛି ତଳିଆ କର୍ମଚାରୀଙ୍କ ମାଧ୍ୟମରେ ଏହି ଚୋରା ବାଲି ଚାଲାଣ ଦିନ ରାତି ବେଧଡକ ଭାବରେ ଚାଲିଛି । ସହର ମଧ୍ୟରେ ଥିବା ଜନବସତି ଅଂଚଳରେ ଫାଙ୍କା ଜାଗାରେ ଚୋରା ବାଲି ମାଫିଆ ମାନେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟି ବାଲି ଗଚ୍ଛିତ ରଖିଥିବା ଜଣାପଡିଛି । ନଦୀ କୂଳରେ ଆଉ ବାଲି ନଥିବାରୁ ଜେସିବି ମେସିନ ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ନଦୀ କୂଳରେ ବସବାସ କରୁଥିବା ପରିବାର ଲୋକ ମାନଙ୍କ ଅଭିଯୋଗ ଏପରି ବିଭିନ୍ନ ସ୍ଥାନରୁ ନଦୀରୁ ବାଲି ଚୋରା ରେ ଉଠାଯାଇଥିବାରୁ କେଉଁଠି କେତେ ଜଳ ଅଛି ଜଣାପଡୁନାହିଁ । ଯାହା ଫଳରେ ଅକାଳରେ ନଦୀରେ ବୁଡି ନିରିହ ଜୀବନ ଯାଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଜଳକଷ୍ଟ ଭୋଗୁଛନ୍ତି ଅଂଚଳବାସୀ

ଖଣ୍ଡପଡା, ୦୬।୦୫(ଆ.ପ୍ର) : ଖଣ୍ଡପଡା ବ୍ଲକ ଅଂଚଳବାସୀ ସାଂପ୍ରତିକ ପରିସ୍ଥିତିରେ ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଗାଁ ଗାଁ ରେ ପାନୀୟ ଜଳ ସମସ୍ୟାକୁ ନେଇ ଏବେ ଉଦବେଗ ପ୍ରକାଶ ପାଇଛି । ଖଣ୍ଡପଡା ଅଂଚଳ ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀ ସମୟାନୁକ୍ରମେ ଶୁଖିବାକୁ ଲାଗିଥିବା ବେଳେ ଶାଖା ନଦୀ ଗୁଡିକର ସମାନ ସ୍ଥିତି ଦେଖିବାକୁ ମିଳିଛି । ମହାନଦୀର ୮୦ ପ୍ରତିଶତ ଅଂଶ ଏବେ ଶୁଖିଲା ପଡିଥିବା ବେଳେ କମେଇଁ, କୁଆଁରିଆ, କୁସୁମୀ, ଆମ୍ବଜାଳ, ସୁନାମୁହିଁ, ଲୁଣିଝରା, ଡାହୁକା ପ୍ରଭୃତି ଶାଖା ନଦୀ ଗୁଡିକ ପୁରା ଶୁଖିଲା ପଡିଛି । ବେଳକୁ ବେଳ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଏଭଳି ପରିସ୍ଥିତିରେ ଅଂଚଳବାସୀ ଜଳକଷ୍ଟ ପରି ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣାପଡିଛି । ଭୂତଳ ଜଳସ୍ତର ଆଶାତୀତ ଭାବେ ନିମ୍ନଗାମୀ ହେବା ଯୋଗୁଁ ବିଭିନ୍ନ ଗ୍ରାମରେ ଥିବା ଏକାଧିକ କୂପରେ ଏବେ ୨୫ ରୁ ୩୦ ଫୁଟ ତଳେ ପାଣି ଥିବା ବେଳେ ଅଧିକାଂଶ ନଳକୂପ ସଚଳ ଥାଇ ମଧ୍ୟ ଜଳସ୍ତର ହ୍ରାସ ପାଇବା ଯୋଗୁଁ ନଳକୂପରୁ ପାଣି ଟୋପେ ବାହାରୁ ନାହିଁ । ସ୍ଥାନୀୟ ବାସିନ୍ଦା ଅକ୍ଳାନ୍ତ ପରିଶ୍ରମ କରି ଆଖପାଖ ଅଂଚଳରେ ଥିବା ଅନ୍ୟାନ୍ୟ ଜଳଉତ୍ସରୁ ପାଣି ସଂଗ୍ରହ କରୁଥିବା ଜଣାପଡିଛି । ଗାଁ ଗାଁରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଉଚ୍ଚତମ ପାଣି ଟାଙ୍କି ନିର୍ମାଣ ସହ ପ୍ରତ୍ୟେକ ଗ୍ରାମକୁ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ମାତ୍ର ପାଇପ ଲାଇନ ଯୋଗେ ପ୍ରତ୍ୟେକ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ପାନୀୟ ଜଳ ଯୋଗାଣରେ ବିଭାଗୀୟ କର୍ତ୍ତୃପକ୍ଷ ବିଫଳ ହୋଇଥିବା ଜଣାପଡିଛି । ପ୍ରକାଶଥାଉକି ମହାନଦୀ ଓ ତାର ଶାଖା ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ଜନସାଧାରଣ ମଧ୍ୟ ଜଳକଷ୍ଟ ଭୋଗୁଥିବା ଜଣାପଡିଛି । ଗତ ୪ ବର୍ଷ ଧରି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଏବେ ବି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି । ଫଳରେ ଖଣ୍ଡପଡା ଅଂଚଳବାସୀ ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ କେବେ ଆଉ ପାଣି ପାଇବେ ସେ ନେଇ ଅଂଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଂଚଳବାସୀଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ତ୍ୱରନ୍ତ ମେଗା ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଦିଗରେ ଜିଲ୍ଲା ପ୍ରଶାସନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଏଥିପ୍ରତି ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି ।

ସେଇଠୁ ଆରମ୍ଭ
SEITHO ARAMBHA

AFFIDAVIT

By virtue of an affidavit sworn before the Executive Magistrate Simulia on dated 13th April 2026, IMr. BAIRAGI SAHAJI, At-Kupura, Po/P.S-Simulia, Dist-Balasore, Pin-756126, Odisha have changed my daughter's name from NAERUM PATHMAto NAHEREEN KHATUN. Henceforth, my daughter shall be known as NAHEREEN KHATUN for all purposes.

s/d-Bairagi Sahaji

ଭୋଗରାଇ ପଂଚାୟତ ସମିତିର ଅଷ୍ଟମ ବୈଠକ ଅନୁଷ୍ଠିତ

ଭୋଗରାଇ, ୦୬।୦୫(ଆ.ପ୍ର) : ଭୋଗରାଇ ପଂଚାୟତ ସମିତିର ଅଷ୍ଟମ ବୈଠକ ପଂଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଅଧ୍ୟକ୍ଷତା କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଗୌତମବୁଦ୍ଧ ଦାସ, ପଂଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଡ଼ିଓ ପ୍ରଶାନ୍ତ ମହାରଣା, ସାଂସଦ ପ୍ରତିନିଧି ଆଶିଷ ପାତ୍ର, ଜିପିଓ ମନୋଜ ମଣ୍ଡଳ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନା ପ୍ରମୁଖ ମଂଚାସୀନ ଥିଲେ । ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀଙ୍କ ପାଇଁ ଅସ୍ତ୍ରୋପଚାର ବ୍ୟବସ୍ଥା କରିବା ସହିତ ଗୋଟିଏ ଅଲଟ୍ରାସାଉଣ୍ଡ ମେସିନ କାର୍ଯ୍ୟକ୍ଷମ କରିବା ପାଇଁ ଗୃହରେ ଦାବି ହୋଇଥିଲା । ୧୧ କୋଟି ଟଙ୍କାରେ ନୂତନ ଘର ନିର୍ମାଣ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଆସବାବପତ୍ର ନ ଆସିବା ଫଳରେ ତାହା କାର୍ଯ୍ୟକ୍ଷମ କରିବା ପାଇଁ ସାଂସଦ ପାଖରେ ଦାବି ଉଠିଥିଲା । ଯଥାଶୀଘ୍ର ଏହି ନୂତନ ଗୃହ ଖୋଲିବା ପାଇଁ ନିଷ୍ପତି ନିଆଯାଇଥିଲା । ନିମାତପୁର ପିଏଚସିରେ ଡାକ୍ତର ଠିକ୍ ସମୟରେ ଆସୁ ନଥିବାନେଇ ଅଭିଯୋଗ ହୋଇଥିଲା । ୧୫୦ ହେକ୍ଟର ଝୋଟ ଚାଷ ପାଇଁ ଟାର୍ଗେଟ ଆସିଥିବା ବେଳେ ଚାଷୀମାନେ ଝୋଟ ଚାଷ କରିଥିଲେ ମଧ୍ୟ କଣିବା ପାଇଁ ସରକାରୀ ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ତେଣୁ ଝୋଟ କଣିବା ପାଇଁ ସରକାରୀ ମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ । ମେଗା ପାନୀୟ ଜଳ ପ୍ରକଳ୍ପ -୨ ର ସେଚ ବିଭାଗ ପକ୍ଷରୁ ଅନୁମତି ନ ମିଳିବା ହେତୁ ପ୍ରାୟ ୫ କି.ମି. ପାଇପ ବିଛା କାର୍ଯ୍ୟ ହୋଇ ପାରୁନାହିଁ । ତେଣୁ ଜଳ ଯୋଗାଣରେ ବିଳମ୍ବ ହେଉଛି ବୋଲି କନିଷ୍ଠ ଯନ୍ତ୍ରୀ ହରପ୍ରିୟା ମହନ୍ତ ସୂଚନା ଦେଇଛନ୍ତି । ସେହିପରି ମହିଳା ଓ ଶିଶୁ ବିକାଶ, ଶିକ୍ଷା,ଖାଉଟି କଲ୍ୟାଣ, ଉନ୍ନୟନ ମୂଳକ କାର୍ଯ୍ୟ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ସହିତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଓ ୫୦ ଟି ପଂଚାୟତର ସମସ୍ତ ସରପଂଚ, ସମିତି ସଭ୍ୟ ସଭ୍ୟା ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ବିଜେଡିର ରାଜ୍ୟ ଯୁଗ୍ମ ସଂପାଦକ ହେଲେ ମୁକୁନ୍ଦଦେବ ସାମଲ

ଭଦ୍ରକ, ୦୬।୦୫(ଆ.ପ୍ର) : ଭଦ୍ରକ ଜିଲ୍ଲାର ବିଜେଡ଼ିର ଆଗଧାଡିର ସଙ୍ଗଠକ ଛାମୁଆଁ ନେତୃତ୍ୱ ପୂର୍ବତନ ଭଦ୍ରକ ବିଜେଡ଼ି ଜିଲ୍ଲା ଯୁବ ସଭାପତି ତଥା ଭଦ୍ରକ ବ୍ଲକର ଉପାଧ୍ୟକ୍ଷ ମୁକୁନ୍ଦ ଦେବ ସାମଲ ଆଜି ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବରେ ମନୋନୀତ ହୋଇଛନ୍ତି । ସେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ତଥା ବିଜେଡ଼ି ଭଦ୍ରକ ଜିଲ୍ଲା ସଭାପତ ବ୍ୟୋମକେଶ ରାୟଙ୍କୁ ଶୁଭେଚ୍ଛା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବାରିପଦାରେ ମେ ୧୦ରେ ସିଏଚଆରସିର ୧୭ତମ ଜାତୀୟ ମାନବାଧିକାର ସମ୍ମେଳନ ଓ ସ୍ଥାପନା ଉତ୍ସବ ଅନୁଷ୍ଠିତ ହେବ

ବାଲେଶ୍ୱର,୦୬।୦୫(ଆ.ପ୍ର) : ସିଟିଜେନ୍ସ ହ୍ୟୁମାନ୍ ରାଇଟ୍ସ କ୍ଲିନିକ (ସିଏଚଆରସି), ଓଡ଼ିଶା ପକ୍ଷରୁ ମେ ୧୦, ୨୦୨୬ ତାରିଖ ସକାଳ ୧୦:୪୦ରେ ବାରିପଦା ଇଉନିଟ୍‌ର ସ୍ଥାପନା ଉତ୍ସବ ସହିତ ୧୭ତମ ଜାତୀୟ ମାନବାଧିକାର ସମ୍ମେଳନ ଆୟୋଜିତ ହେବ । କାର୍ଯ୍ୟକ୍ରମଟି ବାରିପଦାର ଛଉ ପର୍ଡ଼ିଆ ନିକଟସ୍ଥ ରୋଟାରୀ କ୍ଲବ୍‌ରେ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାର ଗୃହନିର୍ମାଣ ଓ ସହର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବରୁଣ ଗୁଂଟୁପଲ୍ଲି, ଆଇପିଏସ, ପୁଲିସ ଅଧିକ୍ଷକ, ମୟୂରଭଞ୍ଜ; ନେତ୍ରାନନ୍ଦ ମଲ୍ଲିକ, ଓଏଏସ (ଏସଏଜି), ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ; କୃଷ୍ଣାନନ୍ଦ ମହାନ୍ତି, ଅଧ୍ୟକ୍ଷ, ବାରିପଦା ପୌରପାଳିକା; ଏବଂ ପ୍ରୋଫେସର (ଡ଼.) ବଂଶୀଧର ମଲ୍ଲିକ, ନିଏଫଏଫଟି, ରାଂଚି ଅନ୍ତର୍ଭୁକ୍ତ ଅଛନ୍ତି । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ଉପକୁଳପତି ଡ଼. ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଉଦବୋଧନ ଦେବେ । ଏହି ଅବସରରେ ସିଏଚଆରସିର ବିଶେଷ ପତ୍ରିକା "ଆମ କଥା: ସମତା" ଉନ୍ମୋଚନ କରାଯିବ । ସେହିପରି, ମାନବାଧିକାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଛି ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ମଧ୍ୟାହ୍ନ ଭୋଜନ ବିରତି ପରେ ପ୍ରତିନିଧି ସତ୍ର ଆରମ୍ଭ ହେବ, ଯେଉଁଥିରେ ସମକାଳୀନ ମାନବାଧିକାର ସମସ୍ୟାବଳୀ ଉପରେ ଆଲୋଚନା ହେବ । ଏହି କାର୍ଯ୍ୟକ୍ରମ ଡ଼କ୍ଟର ଗୋପବନ୍ଧୁ ମଲ୍ଲିକ, ଅଧ୍ୟକ୍ଷ, ସିଏଚଆରସି ଏବଂ ସ୍ୱରୂପ କୁମାର ବସା, କାର୍ଯ୍ୟନିର୍ବାହୀ ସଚିବଙ୍କ ନେତୃତ୍ୱରେ ଆୟୋଜିତ ହେବ । ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ସଞ୍ଜୟ ଚୌଧୁରୀ, ଡ଼. ଶ୍ୟାମ ସୁନ୍ଦର ଦାସ ଓ ବିଜୟ କୁମାର ଅଗରୱାଲ୍ ଏହି ଅଧିବେଶନରେ ଉପସ୍ଥିତ ରହିବେ ।

ମହିଳାଙ୍କୁ ଅସଦାଚରଣ କରି ଲହୁଲୁହାଣ କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ପାରଳାଖେମୁଣ୍ଡି, ୦୬।୦୫(ଆ.ପ୍ର) : ମହିଳାଙ୍କୁ ଅକାରଣରେ ଅସଦାଚରଣ କରି ପରେ ମାଡ଼ ମାରି ଲହୁଲୁହାଣ କରିବା ଭଳି ଗମ୍ଭୀର ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ବେଖ୍ୟାନି ବିଚାରପତି ତଥା ସହକାରୀ ଦୌରା ଜଜ୍ (ମହିଳା ଅଦାଲତ) ରଶ୍ମିତା ସାହୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ (ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ଗାରାବନ୍ଧ ଥାନା ଅନ୍ତର୍ଗତ ଗୌଡ଼ ଡଲସିଂ ଗ୍ରାମର ବିନୋଦ ପରିଚ୍ଛାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗାରାବନ୍ଧ ଥାନା ଅନ୍ତର୍ଗତ ଗୌଡ଼ ଡଲସିଂ ଗ୍ରାମର ଏତଲାକାରିଣୀ ପାସ୍ପୁ ରେଡ୍ଡୀ ପୁନି (୪୦ବର୍ଷ) ତା ୧୯-୦୭-୨୦୨୨ରିଖ ଦିନ ସକାଳ ସମୟରେ ଘରେ ଏକା ଥିବା ସମୟରେ ଅଭିଯୁକ୍ତ ଜଣଙ୍କ ତାଙ୍କ ଘରକୁ ଆସି ଅକାରଣରେ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଝଗଡ଼ା ଆରମ୍ଭ କରି ଗାଁ ଦାଣ୍ଡରେ ଏତଲାକାରିଣୀଙ୍କ ଚୁଟି ଭିଡି ମାଡ଼ ମାରି କ୍ଷତାକ୍ତ କରିବା ସହ ପିନ୍ଧିଥିବା ବ୍ଲାଉଜ ଓ ଶାଢ଼ୀ ଚିରି ନିର୍ବସ୍ତ୍ର କରିବାକୁ ବି ପଛେଇ ନଥିଲେ । ପରେ ଅଭିଯୁକ୍ତଙ୍କ ସ୍ତ୍ରୀ ଓ ଝିଅ ଏହି ମାମଲାରେ ହସ୍ତକ୍ଷେପ କରିବା ପରେ ଅଭିଯୁକ୍ତ ଏତଲାକାରିଣୀଙ୍କୁ ପୋଲିସରେ ଜଣାଇଲେ ପରିସ୍ଥିତି ଖରାପ ହେବାର ଧମକ ଦେଇ ସେ ସ୍ଥାନ ଛାଡି ଚାଲିଯାଇଥିଲେ । ଶେଷରେ ନିଜ ଜୀବନ ପ୍ରତି ବିପଦର ଆଶଙ୍କା କରି ବାଧ୍ୟ ହୋଇ ଏହି ଘଟଣାକୁ ନେଇ ଏତଲାକାରିଣୀ ସେହିଦିନ ହିଁ ଗାରାବନ୍ଧ ଥାନାରେ ମାମଲା ନମ୍ବର ୬୨/୨୦୨୨ରେ ଏକ ମାମଲା ରୁଜୁ କରିଥିଲେ ଏବଂ ତତ୍କାଳୀନ ଏଏସଆଇ ସନ୍ତୋଷ କୁମାର ବେହେରା ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ । ଶେଷରେ ଏତଲାକାରିଣୀଙ୍କ ପକ୍ଷରୁ ୬ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ଦସ୍ତାବିଜ ଓ ମୁଦ୍ଦାଲାଙ୍କ ପକ୍ଷରୁ ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ହଜାର ଟଙ୍କା ଜୋରିମାନାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଦାରୁ ସଂଗ୍ରହ ମହାନ ପରମ୍ପରା ଅଟେ : ଗବେଷକ ପ୍ରଫୁଲ୍ଲ ଦାଶ

ନୀଳଗିରି, ୦୬।୦୫(ଆ.ପ୍ର) : ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଦାରୁ ସଂଗ୍ରହ ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ । ପ୍ରଥମଟି ହେଉଛି ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ରଥକାଠ ସଂଗ୍ରହ ଓ ଅନ୍ୟଟି ହେଉଛି ନବକଳେବର ସମୟରେ ଦାରୁ ସଂଗ୍ରହ । ଶ୍ରୀଗୁଣ୍ଡିଚା ପାଇଁ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ସମସ୍ତ ଦାରୁ ଶ୍ରୀମନ୍ଦିରରେ ପହଂଚିଥାଏ । ରାଜ ପ୍ରତିନିଧି, ଚତୁର୍ବେଦୀୟ ବ୍ରାହ୍ମଣ, ରାଜ ପୁରୋହିତ ଓ ଶିଳ୍ପବିଦ୍ୟା ନିପୁଣ ସୂତ୍ରଧର ମାନେ ଦାରୁ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଥାଆନ୍ତି । ଦାରୁ ସଂଗ୍ରହ ପୂର୍ବରୁ କେଉଁଦାରୁ ସଂଗୃହୀତ ହେବ ଓ ତାର ଲକ୍ଷଣ ଇନ୍ଦ୍ରନୀଳମଣି ପୁରାଣରେ ଲିପିବଦ୍ଧ ରହିଛି । ସାଧାରଣତଃ ନିମବୃକ୍ଷର କାଠରେ ଜଗନ୍ନାଥଙ୍କ କାର୍ଯ୍ୟ ସମ୍ପନ୍ନ ହୁଏ । ସେ ନିମବୃକ୍ଷର ସ୍ୱାଦ ତିକ୍ତ ପରିବର୍ତେ ଅଳ୍ପ ମଧୁର ଅଟେ । ବୃକ୍ଷରେ କୀଟଦଂଷ୍ଟ ଚିହ୍ନ ବା ବଜ୍ରପାତର ଚିହ୍ନ ରହିନଥାଏ । ସେ ବୃକ୍ଷରେ ପକ୍ଷୀମାନେ ବସା ବାନ୍ଧିନଥାନ୍ତି । ବୃକ୍ଷକୁ ବିଷଧର ସର୍ପ ଜଗିରହି ଥାନ୍ତି । ଅନ୍ୱେଷଣକାରୀ ସେ ସର୍ପ ସ୍ଥାନ ଛାଡିଯିବାର ଲକ୍ଷ୍ୟ କରିଥାନ୍ତି । ଦାରୁବୃକ୍ଷ ସରଳ ଓ ଆକର୍ଷଣୀୟ ହୋଇଥାଏ । ମା ମଙ୍ଗଳାଙ୍କ ସ୍ୱପ୍ନାଦେଶ ପରେ ଦାରୁ ଚିହ୍ନଟ ହୋଇଥାଏ । ସୂତ ସଂହିତାର ବର୍ଣ୍ଣନା ଅନୁଯାୟୀ ଦାରୁର ବର୍ଣ୍ଣ କୃଷ୍ଣ, ଶ୍ୱେତ, ପୀତ ଓ ରକ୍ତବର୍ଣ୍ଣ ସହ ଶଙ୍ଖ ଚକ୍ର ଗଦା ପଦ୍ମ ଚିହ୍ନ ଥିବା ବିଧେୟ । ଦାରୁ ଆଣିବାପାଇଁ ଚାରିଚକ ବିଶିଷ୍ଟ ଶକଟ ବ୍ୟବହାର ହୁଏ । ଏହି ଶକଟର ଚକ ବରକାଠରେ, ଦଣ୍ଡା କେନ୍ଦୁକାଠରେ ଓ ଅକ୍ଷ ତେନ୍ତୁଳି ବା ବେଲକାଠରେ ନିର୍ମିତ ହୋଇଥାଏ । ସର୍ବୋପରି ବେତଦଉଡ଼ି ବା କତାଦଉଡ଼ିରେ ଶକଟ ଟଣା ଯାଇଥାଏବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ମାସିକ ଜଗନ୍ନାଥ ସଂସ୍କୃତିର ମୂଲ୍ୟାୟନ ପ୍ରସଙ୍ଗ ଆଲୋଚନା ପରୀପ୍ରେକ୍ଷୀରେ ଶ୍ରୀମନ୍ଦିର ଓ ଆଦ୍ୟପର୍ବ ଶୀର୍ଷକରେ ନୟାଗଡ଼ର ବର୍ଷୀୟାନ ଗବେଷକ ପ୍ରଫୁଲ୍ଲ କୁମାର ଦାଶ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବର୍ଷୀୟାନ ସାଧକ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଅତିଥି ଭାବରେ ସିଦ୍ଧାର୍ଥ ଭକ୍ତିର ବାଦୀପାଲାର ବିଚାରକ ପଣ୍ଡିତ ନିରଞ୍ଜନ ସାହୁ ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କୁମାରୀ ଭାର୍ଗବୀ ରାଉତ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ ।

ହରିଣର ମୃତଦେହ ଉଦ୍ଧାର କଲା ନୀଳଗିରି ବନ ବିଭାଗ

ନୀଳଗିରି, ୦୬।୦୫(ଆ.ପ୍ର) : ବୁଧବାର ସକାଳ ପ୍ରାୟ ୬.୩୦ ସମୟରେ ନୀଳଗିରି ବନବିଭାଗ ଏକ ମୃତହରିଣ ଉଦ୍ଧାର କରିଥିବା ଜଣାଯାଇଛି । ସୂଚନା ମୁତାବକ ନୀଳଗିରି ବ୍ଲକ୍ ମାଟିଆଳି ପଂଚାୟତ ଗୋବିନ୍ଦପୁରା ଗ୍ରାମ ନିକଟରେ ଏକ ହରିଣକୁ କିଛି କୁକୁର ଗୋଡ଼ାଇ ଗୋଡ଼ାଇ କାମୁଡିବା ଦ୍ୱାରା ହରିଣଟି ମରିଯାଇଥିଲା । ସ୍ଥାନୀୟଲୋକ ବନବିଭାଗକୁ ଖବରଦେବା ପରେ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଂଚି ମୃତହରିଣକୁ ଉଦ୍ଧାରକରି ନୀଳଗିରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ । ତେବେ ମୃତହରିଣକୁ ପୋତିଦିଆଯାଇଥିବା ରେଞ୍ଜର ମନଜ୍ଜୁର୍ ଖାଁ କହିଥିବା ବେଳେ ହରିଣର ଓଜନ, ଲମ୍ବ, ଉଚ୍ଚତା ଏପରିକି ବୟସ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ଦେଇନଥିଲେ । ପ୍ରକୃତରେ ହରିଣଟି କେଉଁଠୁ ଆସିଲା ? କୁକୁରକାମୁଡ଼ା ଦ୍ୱାରା ମୃତ୍ୟୁହୋଇଛି ନା ଶିକାରୀଙ୍କ ଦ୍ୱାରା ମୃତ୍ୟୁହୋଇଛି ତାର ସଠିକ୍ ତଥ୍ୟ ଲୁଚାଇଥିବାରୁ ରେଞ୍ଜରଙ୍କ ପ୍ରତି ପରିବେଶପ୍ରେମୀ ଅଙ୍ଗୁଳି ଉଠାଇଛନ୍ତି ।

ଚୋରାରେ ବାଲି ଚାଲାଣ ବେଳେ ହାଇୱା ଜବତ, ଚାଳକ ଗିରଫ

ଖଣ୍ଡପଡ଼ା, ୦୬।୦୫(ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଂଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ତେବେ ମଙ୍ଗଳବାର ରାତିରେ ଏକ ହାଇୱା ଯୋଗେ ଚୋରାରେ ବାଲି ଚାଲାଣ ହେଉଥିବା ନେଇ ସୂଚନା ମିଳିବା ପରେ କଂଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ସଦଳବଳେ ଅଚାନକ ଚଢାଉ କରି ଏକ ବାଲି ବୋଝେଇ ହାଇୱା ଗାଡିକୁ ବାଣପୁର ନିକଟସ୍ଥ ରାସ୍ତାରୁ ଜବତ କରିବା ସହ ଗାଡି ଚାଳକ ମାନସ ରଞ୍ଜନ ନାୟକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଠାରୁ ପ୍ରକାଶ । ଏ ସଂପର୍କରେ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

ବାବା ଅନନ୍ତ ପୁରୁଷୋତମ ମହାଦେବଙ୍କ ପ୍ରସିଦ୍ଧ ଚଡକ ପର୍ବ ଶୁଭାରମ୍ଭ

୧୪ ତାରିଖ ଗୁରୁବାର ମହାନୀଳ ଓ ୧୫ ତାରିଖ ଶୁକ୍ରବାର ପବିତ୍ର ପାଟ ପର୍ବ

ଭୋଗରାଇ, ୦୬।୦୫(ଆ.ପ୍ର) : ଭୋଗରାଇ ବ୍ଲକ ଦେଉଳା ପଂଚାୟତର ସର୍ବପୁରାତନ ଦେବାଧିଦେବ ମହାଦେବଙ୍କ ଆସ୍ଥାନ ଭାବେ ସୁଖ୍ୟାତି ଅର୍ଜନ କରିଥିବା ବାବା ଅନନ୍ତ ପୁରୁଷୋତମ ମହାଦେବଙ୍କ ବାର୍ଷିକ ଉତ୍ସବ 'ଚଡ଼କ ପର୍ବ' ଶୁଭାରମ୍ଭ ହୋଇଛି । ଆସନ୍ତା ମଇ ୧୪ ତାରିଖ ଗୁରୁବାର ମହାନୀଳ ପର୍ବ ପାଳନ ସହିତ ମଇ ୧୫ ତାରିଖ ଶୁକ୍ରବାର ପାଟ ପର୍ବ ମାଧ୍ୟମରେ ଏହି ପର୍ବ ସମାପନ ହେବ । ପ୍ରତିବର୍ଷ ପରି ଚଳିତ ବର୍ଷ ବାବା ଅନନ୍ତ ପୁରୁଷୋତମ ମହାଦେବଙ୍କ ଶୈବପୀଠରେ ମହାଆଡ଼ମ୍ବରରେ ଏହି ଚଡ଼କ ପର୍ବ ପାଳନ ହେବ । ସମସ୍ତ ବଜାର ବାସୀ, ଗ୍ରାମବାସୀଙ୍କ ସହଯୋଗରେ ଏହି ପବିତ୍ର ପୀଠର ନୀତିକାନ୍ତି ଅନୁଯାୟୀ ମଙ୍ଗଳବାର ଭୋର ବୁଧବାର ପାଟଭକ୍ତଙ୍କ ସହିତ ଅନ୍ୟ ହୁଦାଧାରୀ ଭକ୍ତ ଓ ମାନସିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଉପବୀତ ଧାରଣ କରିଥିଲେ । ପ୍ରଥା ଅନୁଯାୟୀ ଏହି ଚଡକ ପର୍ବର ମୁଖ୍ୟ ଅଂଶ ଭାବେ ମଇ ୯ ତାରିଖ ଶନିବାର ୭ମ ଅର୍ଘ୍ୟ, ମଇ ୧୧ ତାରିଖ ସୋମବାର ୫ମ ଅର୍ଘ୍ୟ, ମଇ ୧୪ ତାରିଖ ଗୁରୁବାର ଚାରିସେବା ଓ ମହାନୀଳ ପର୍ବ ଏବଂ ମଇ ୧୫ ତାରିଖ ଶୁକ୍ରବାର ପବିତ୍ର ମହା ପାଟପର୍ବ ଅନୁଷ୍ଠିତ ହେବ ବୋଲି କମିଟିର ସଦସ୍ୟ ଶକ୍ତିପଦ ଦାସ ମହାପାତ୍ର, ଅରୁଣ କୁମାର ଦାସ, ସୁକୁମାର ଜେନା, ଅରବିନ୍ଦ ଦୋଳା, ସୁରେଶ ମହାନ୍ତି, ଜୟକୃଷ୍ଣ ଗିରି, ଚନ୍ଦନ ଗିରି, ପ୍ରଭୁରାମ ଦାସ, ପୁଳକ ପାଳ, ଦେବାଶିଷ ପଣ୍ଡା, ସୁକୁମାର ପଣ୍ଡା, ଦିଲ୍ଲୀପ ପଣ୍ଡା, ପ୍ରଦୀପ ପଣ୍ଡା, ରମେଶ ପାତ୍ର, ପ୍ରଦୀପ ପ୍ରଧାନ, ଉତ୍ତମ ଦାସ ମହାପାତ୍ର, ସଞ୍ଜୟ ଦୋଳା, ଜଗନ୍ନାଥ ମହାନ୍ତି, ନାରାୟଣ ବେହେରା, ପ୍ରଦୀପ ବିଶ୍ୱାଳ, ଗୌତମ ଦାସ, ଅନାଦି ରଞ୍ଜନ ଦାସ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି ।

ଯୁବକକୁ ପିଟିପିଟି ମାରିଦେବା ଘଟଣା ଦୁଇ ଜଣ କୋର୍ଟ ଚାଲାଣ

ସିମୁଳିଆ, ୦୬।୦୫(ଆ.ପ୍ର) : ପ୍ରେମ ଜନିତ ଘଟଣାରେ ମାଆ କୋଳ ହୋଇଗଲା ଶୂନ୍ୟ । ପ୍ରେମ ଜନିତ ଘଟଣାକୁ ନେଇ ଯୁବକକୁ ପିଟି ପିଟି ହତ୍ୟା କରିବା ଘଟଣାରେ ସିମୁଳିଆ ପୋଲିସ ଦ୍ୱାରା ମାମୁଁ ଓ ଭଣଜା ଗିରଫ । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପଇଁତିରିଶ ସାହି ଗ୍ରାମର ସୁଦର୍ଶନ ସୂତାରଙ୍କ ପୁଅ ସୁବାସ ସୂତାରକୁ ଦୁଇ ଦିନ ତଳେ କାଂଟପଡା ଅଂଚଳର ଭଗବାନ କର ଓ ତାଙ୍କ ସହଯୋଗୀ ସୁବାସକୁ ଘରୁ ଉଠାଇ ଆଣି ବିରବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି ଖମ୍ବରେ ହାତ ଗୋଡ଼ ବାନ୍ଧି ଠେଙ୍ଗାରେ ପିଟି ଥିଲେ । ଫଳରେ ସୁବାସର ନାକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ଗୁରୁତର ହୋଇ ପଡିବାରୁ ଆକ୍ରମଣ କରିଥିବା ଭଗବାନ କର ଓ ତାଙ୍କ ସହଯୋଗୀ ସିମୁଳିଆ ମେଡ଼ିକାଲରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ମେଡିକାଲରେ ଛାଡି ଭଗବାନ ପଳେଇ ଯାଇଥିଲେ, ପରିବାର ଲୋକ ଖବର ପାଇ ସିମୁଳିଆ ମେଡିକାଲରେ ପହଁଚି ଭଦ୍ରକ ମେଡିକାଲକୁ ନେଇଥିଲେ । ଭଦ୍ରକ ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ୍ୟୁ ପରେ ସୁବାସଙ୍କ ଭିଣୋଇ ସୁବାସକୁ ହତ୍ୟା କରାଯାଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ସିମୁଳିଆ ପୋଲିସ ଆକ୍ରମଣ କରିଥିବା ଭଗବାନ କର ଓ ତାଙ୍କ ଭଣଜା ବୈରାଙ୍ଗନ ଦାସଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି । ପ୍ରେମ ଜନିତ ହତ୍ୟା ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ପାରିବାରିକ ବିବାଦ ଯୋଗୁଁ ହତ୍ୟା ହୋଇଥିବା ନେଇ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଆଜି ସିମୁଳିଆ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ସୁବାସର ବାପା ସୁଦର୍ଶନ ବର୍ଷ ତଳେ ଆର୍ଥିକ ଅଭାବ ଯୋଗୁଁ ଚିକିତ୍ସା ହୋଇ ନ ପାରି ମୃତ୍ୟୁବରଣ କରିଥିଲେ । ଗୋଟିଏ ଝିଅ ବିବାହ ହୋଇସାରିଥିବା ବେଳେ ଏକମାତ୍ର ପୁଅ ସୁବାସ ସାହାରାରେ ବଂଚୁଥିବା ବୃଦ୍ଧ ମାଆ ବାକିତକ ଜୀବନ କିପରି କାଟିବ ତାହା ଏବେ ସ୍ଥାନୀୟ ଅଂଚଳରେ ବ୍ୟଥିତ କରିଛି ।

ବାଉଁଶବଣିଆ ଗ୍ରାମ ଭାଗବତ ଟୁଙ୍ଗି ରେ ସପ୍ତାହ ବ୍ୟାପୀ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୀଳଗିରି, ୦୬।୦୫(ଆ.ପ୍ର) : ଔପଦା ବ୍ଲକ, ବାଉଁଶବଣିଆ ଗ୍ରାମପଂଚାୟତର ବାଉଁଶ ବଣିଆ ଗ୍ରାମ ଭାଗବତ ଟୁଙ୍ଗି ରେ ସପ୍ତାହ ବ୍ୟାପୀ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ସୂଚନାରୁ ଜଣାଯାଇଛି, ଉକ୍ତ ଭାଗବତ ପ୍ରବଚନ କାର୍ଯ୍ୟ ଗତ ଏପ୍ରିଲ ମାସ ୨୬ ତାରିଖ ଠାରୁ ଆରମ୍ଭ ହୋଇ ମେ ମାସ ୨ ତାରିଖ ରେ ଶେଷ ହୋଇ ଥିଲା । ଏହି କାର୍ଯ୍ୟକ୍ରମ ଭାରି ଧୂମଧାମ ରେ ପାଳନ ହୋଇ ଥିବା ବେଳେ, ଭାଗବତ ପାରାୟଣ କରି ଥିଲେ, ପଣ୍ଡିତ ଅକ୍ଷୟ ମିଶ୍ର । ସାତ ଦିନ ଧରି ଦ୍ୱିପ୍ରହର ଅଉ ରାତ୍ରି ସମୟ ରେ ଭାଗବତ ପ୍ରେମୀ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇ ଥିଲା । ସନ୍ଧ୍ୟା ସମୟରେ ଆଳତି କାର୍ଯ୍ୟକ୍ରମ ବେଶ ଧୁମଧାମ ରେ ପାଳିତ ହୋଇଥିବା ବେଳେ,ଏହା ସହିତ କୁନି କୁନି ପିଲା ମାନଙ୍କ ପାଇଁ ନାଚ ଗୀତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯେଉଁ କୁନି କୁନି ପିଲା ମାନେ ଭଲ ନାଚ ଗୀତ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଯୋଗେଶ୍ୱର ବେହେରା ଆୟୋଜନ କରି ଥିଲେ । ଏଥିରେ ଜଜମାନଙ୍କ ଦ୍ୱାରା ମନୋନୀତ କୃତି କୁନି କଳାକାର ମାନଙ୍କୁ ଏ ଅଂଚଳର ଜଣାଶୁଣା ବୟୋଜ୍ୟେଷ୍ଠ ବ୍ୟକ୍ତି ରାମଚନ୍ଦ୍ର ବେହେରା ଓ ବିକାଶ ସାହୁଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା । ଭାଗବତ ମହୋତ୍ସବର ଅଧ୍ୟକ୍ଷ ଯୋଗେଶ୍ୱର ବେହେରା, ସଂପାଦକ ଚିତରଞ୍ଜନ ବେହେରା, ସଂଯୋଜକ ଅନାମ ଚରଣ ବେହେରାଙ୍କ ସହିତ କମିଟିର ସଦସ୍ୟ ବିରେନ୍ଦ୍ର ଦାସ, ସନ୍ତୋଷ ଦାସ, ମାନସ ମହାନ୍ତି, ମନୋରଞ୍ଜନ ବେହେରା, ମହେଶ୍ୱର ପୃଷ୍ଟି, ବିଶ୍ୱଜିତ ବେହେରା, ପଙ୍କଜ ବେହେରା, କରୁଣାକର ମହାନ୍ତି, ଲୋକନାଥ ସ, ଜିତେନ୍ଦ୍ର ସାହାଣୀ, କୃପାସିନ୍ଧୁ ମହାନ୍ତି, ପରେସ ବାରିକ, ନରୋତମ ଦାସ, ନରେନ୍ଦ୍ର ସାହାଣୀ ଏବଂ ସମସ୍ତ ବାଉଂଶ ବଣିଆ ଗ୍ରାମବାସୀଙ୍କ ସାମୁହିକ ଯୋଗଦାନ ଯୋଗୁଁ ଖୁବ ହର୍ଷ ଉଲାସ ମଧ୍ୟରେ ଶ୍ରୀମଦ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି ।

ସେଇଠୁ
ଆରମ୍ଭ
SEITHO ARAMBHA
ଗୁରୁବାର, ୭ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅତି ମାତ୍ରାରେ ଆତ୍ମବିଶ୍ୱାସ

ଭାବପ୍ରବଣ ସମସ୍ତଙ୍କ ଠାରେ ଅଛି । ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟକେହି କହିଲେ ଆମ ମନରେ କଷ୍ଟ ହୁଏ । ଆଖିରୁ ଲୁହ ଗଡ଼ିଆସେ । ମୁହଁ ଶୁଖିଯାଏ । ମାନସିକ ଅଶାନ୍ତିରେ ମନ ଭାଙ୍ଗିପଡ଼େ । କାମ କରିବାକୁ ଇଚ୍ଛା ହୁଏନି । ମନରେ ସମସ୍ତ ପ୍ରକାରର ନକରାମକ ଭାବନା ସୃଷ୍ଟି ହୁଏ । ଆମେ ସମସ୍ତେ ଏହିପରି ଅନେକ ଘଟଣାର ସମ୍ମୁଖୀନ ହୋଇଛେ । ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଉଠେ ଯେତେବେଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟହେଲା ପରି କଥା କୁହନ୍ତି ଅବା କାମ କରନ୍ତି । ବିଶ୍ୱାସରେ ଧୋକା ଅବା ପରୋକ୍ଷରେ କ୍ଷତି କଲାପରି ମନ୍ଦ ଉଦ୍ଦେଶ୍ୟର କାମ କରିଥାନ୍ତି । ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁହାଇଲା ପରି କଥା ଅବା କାମ ଆଶା କରିଥାଉ । କିନ୍ତୁ ତା'ର ଠିକ୍ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ । ହସଟିଏ ଲୁହ ଆକାରରେ ବୋହିଯାଏ । ସବୁ ଆଲୁଅଗୁଡ଼ିକ ଅନ୍ଧାର ପାଲଟିଯାଏ ଜୀବନଟା ବିଷମୟ ଲାଗେ । ଆମ ମନର ଏହି ଘଡ଼ିସନ୍ଧି ସମୟରେ ଆମେ ସାଥିଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲିକରି କହିପାରିବା । ନିଜ ମନର ଭାବନାକୁ, ଅନୁଭବକୁ, ବେଦନାକୁ, କାହାକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟି ପାରିବା ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ । ମନଧ୍ୟାନ ଦେଇ ଆଗ୍ରହର ସହିତ ଆପଣାର ପରି ଆମ କଥାକୁ ବୁଝିବ ଓ ଅନୁଭବ କରିବ । ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ । ଆମ ଲୁହକୁ ଆମ ବେଦନାକୁ ବୁଝିପାରି ତା ଆଖିରେ ବି ଲୁହ ଆସିଯିବ । ସବୁକିଛିରେ ସହଭାଗୀ ହୋଇ ସେ ବି ସମବେଦନା ଜଣାଇବ । ଆପଣାର କରିନେବ ଆମର ଦୁଃଖକୁ, ଭାବନାକୁ, ଲୁହକୁ ଓ ଆବେଗକୁ ଏହାହିଁ ସମ୍ବେଦନଶୀଳ ମନୋଭାବ । ଆମେ ଯେପରି ଚାହୁଁଛୁ ଯେ ଅନ୍ୟଜଣେ କେହି ଆମ ମନକୁ ବୁଝୁ, ଆମ ଦୁଃଖକୁ ଅନୁଭବ କରୁ ଠିକ୍ ସେହିପରି ଅନ୍ୟମାନେ ବି ଆମଠାରୁ ସେହି ବ୍ୟବହାର ଚାହିଁଥା'ନ୍ତି । ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ । ଆଶ୍ଚର୍ଯ୍ୟର କଥା କହିଲେ ଚଳିବ ଯେ ଅଧିକାଂଶ ଲୋକଙ୍କ ପାଖରେ ଧୈର୍ଯ୍ୟ ନଥାଏ ଅବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଃଖ ଅବା କଷ୍ଟକୁ ଶୁଣି ସହଭାଗୀ ହେବାପାଇଁ । ସମବେଦନା ଜଣାଇବା ପାଇଁ କିନ୍ତୁ ନିଜର ଦୁଃଖ ସମୟରେ ସେହି ବ୍ୟକ୍ତି ଅନ୍ୟମାନଙ୍କଠାରୁ ସମବେଦନା ହିଁ ଆଶା କରିଥାଏ । ସମ୍ବେଦନଶୀଳ ମନୋଭାବ ଏକ ଉଚ୍ଚକୋଟୀର ମାନବୀୟ ଗୁଣ । ଏହା ଆମ ଜୀବନର ଏକ ବିଶେଷ ଦକ୍ଷତା । ସାମାଜିକ ପ୍ରାଣୀ ହିସାବରେ ଆମେ ଏକ ଗୋଷ୍ଠୀ ଜୀବନଯାପନ କରିଥାଉ । ପରସ୍ପରର ସାହାଯ୍ୟ, ସହଯୋଗ, ସ୍ନେହ ଶ୍ରଦ୍ଧା ନମିଳିଲେ ଆମେ ସୁଖ, ଶାନ୍ତିରେ ରହିପାରିବା ନାହିଁ । ଜୀବନରେ ଯେତେ ଯାହା ସଫଳତା ମିଳୁ ପଛକେ ଶାନ୍ତି ଓ ଆନନ୍ଦରେ ରହିବା ପାଇଁ ହେଲେ ସମସ୍ତଙ୍କ ସହିତ ସହଭାଗୀ ରୂପେ ସମ୍ବେଦନଶୀଳ ହୋଇ ରହିବା ଜରୁରୀ । ପରସ୍ପର ପ୍ରତି ସମ୍ବେଦନଶୀଳତା ହିଁ ଏକ ସଫଳ ଜୀବନର ମାପକାଠି । ସଦ୍ଭାବନା, ସତ୍କର୍ମ ହିଁ ସମ୍ଭବ ହୁଏ ସତସଙ୍ଗ ମିଳିଲେ । ସମ୍ବେଦନଶୀଳତା ଏପରି ଏକ ମାନବିକ ଗୁଣ ଯାହାକି ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଆବଶ୍ୟକ । ଏହି ଦକ୍ଷତାର ବିକାଶ ଓ କାର୍ଯ୍ୟକାରିତା ହିଁ ଆମ ଜୀବନର ସବୁ ବାଧାବିଘ୍ନ ତଥା ଅବସାଦକୁ ଦୂର କରିପାରିବ । ଏକ ସୁଖମୟ, ଶାନ୍ତିମୟ ଓ ସଫଳ ଜୀବନ ପାଇଁ ସମ୍ବେଦନଶୀଳ ମନୋଭାବକୁ ସମୃଦ୍ଧ କରିବା ନିହାତି ଜରୁରୀ ଏହା ଏକ ସାଧନା ସାଧନା କଲେ ହିଁ ସିଦ୍ଧି ସମ୍ଭବ ହେବ । ଆମ ଜୀବନରେ ଅନ୍ୟମାନଙ୍କ ସହିତ ସୁଖ, ଶାନ୍ତି ଓ ସଫଳ ଭାବେ ରହିବାକୁ ହେଲେ ସମ୍ବେଦନଶୀଳ ମନୋଭାବ ହିଁ ଏକ ଶକ୍ତିଶାଳୀ ଦକ୍ଷତା । ତେଣୁ ସମ୍ବେଦନଶୀଳ ମନୋଭାବକୁ ସଜାଗ ରଖିବାକୁ ହେଲେ ଯେଉଁ କାର୍ଯ୍ୟରୁ ଦୂରେଇ ରହିବାକୁ ହେବ ତାହା ହେଉଛି । ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବରେ ସହୃଦୟତା ଆବଶ୍ୟକ । ଅନ୍ୟର କଥା ଶୁଣିବାକୁ, ମନର ଆବେଗକୁ ବୁଝିବାକୁ ମନରେ ପ୍ରକୃତ ଆଗ୍ରହ ଥିବା ଦରକାର । କିନ୍ତୁ ଅଧିକାଂଶ ଲୋକଙ୍କର ଏଥିପ୍ରତି ପ୍ରକୃତ ଆଗ୍ରହ ନଥାଏ । ଗୋଷ୍ଠୀରେ ରହିଥିବାରୁ ଅନ୍ୟର କଥା ଅବା ଦୁଃଖ ବିଷୟ ଶୁଣି ସମବେଦନା ଜଣାଇବାଟା ଦରକାର ବୋଲି ବାଧ୍ୟରେ କରିଥାନ୍ତି । ଏଥିରେ ସେମାନଙ୍କର ଆନ୍ତରିକତା ନଥାଏ ଅବା ଆଗ୍ରହ ନଥାଏ । ମୁହଁରେ ହସଟି ବି ପ୍ରକୃତ ହସ ନଥାଏ । ଏହାକୁ କୁହାଯାଏ ଛଳନା ଅବା ଅଭିନୟ । ଲୋକ ଦେଖାଣିଆ ଭାବରେ ଆହା କହିଦେଲେ ସମ୍ବେଦନଶୀଳତା ହୋଇଯାଏନାହିଁ । ଏବେକାର ସମାଜରେ ଆମେ ସବୁ ଏକ ଯାନ୍ତ୍ରିକ ଜୀବନଯାପନ କରୁଛେ । ଧରାବନ୍ଧା ନିୟମ ପରି ସ୍ନେହ, ଶ୍ରଦ୍ଧା ସମ୍ପର୍କ ବି ଛଳନାପୂର୍ଣ୍ଣ ହେଇଗଲାଣି ।

ଆଚ୍ଛାଦନ-ଆଚରଣ

॥ ପଣ୍ଡିତ ସୋମନାଥ ଦାଶ ॥

କେତେକ ଲୋକ କହନ୍ତି - ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ - 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ଗ୍ରହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ: ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ ।

ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପଣାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ୱରେ ପରିପୁଷ୍ଟ କରିଦିଏ ।

ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଂଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଂଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇ ଦେଲେ । ପରେ ଯେତେବେଳେ ଲାଟ ଗାନ୍ଧିଙ୍କୁ ପଚାରିଲେ କାହିଁକି ସେ ନିଜେ ନଆସି ଏଭଳି ପୋଷାକ ପଠାଇଲେ, ସେତେବେଳେ ଗାନ୍ଧି ଉତ୍ତର ଦେଲେ ଆପଣ ମୋତେ ଭୋଜିସଭାକୁ ଡାକିଥିଲେ; କିନ୍ତୁ ମୁଁ ନିର୍ଦ୍ଧାରିତ ପୋଷାକ ପିନ୍ଧି ନଥିଲି ବୋଲି ମୋତେ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ, ତେଣୁ ମୁଁ ସେହି ନିର୍ଦ୍ଧାରିତ ପୋଷାକକୁ ମୋ ବଦଳରେ ପଠାଇ ଦେଲି । ଲାଟ୍ ସାହେବ ଲଜ୍ଜିତ ହେଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ । ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍, ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ । ଯଥାର୍ଥରେ ମହାତ୍ମା ପଦବାଚ୍ୟ । ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନସ୍ପଦ କରାଇଥାଏ ।

କର୍ମକାଣ୍ଡ ବିଶାରଦ ଓ
ଜ୍ୟୋତିଷ ପରାମର୍ଶଦାତା,
'ମା ଶାରଳା ଆଷ୍ଟ୍ରୋ ପଏଂଟ'
ସେକ୍ଟର-୭, ସିଡିଏ, କଟକ,
୭୦୦୮୦୦୦୮୯୮

ଜାଗ୍ରତ ରାଷ୍ଟ୍ର ଗଠନରେ ଆଇନ

॥ ସୌର ଚନ୍ଦ୍ର ମହାପାତ୍ର ॥

ଆଜି ହେଉଛି ଭାରତୀୟ ଜାତୀୟ ଆଇନ ସଚେତନତା ଦିବସ । ଗଣତନ୍ତ୍ରର ଅନ୍ୟତମ ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଉପରେ ଦିନକୁ ଦିନ ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଉଥିବାବେଳେ ଆଇନ ସଚେତନତା ଦିବସ ଦ୍ୱାରା ସାଧାରଣରେ ଆଇନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାତବ୍ୟ ତଥ୍ୟ ଜାଣିବା ସହ ନିଜ ପାଇଁ ଆଇନ ପ୍ରାସଙ୍ଗିକ ବିଷୟକୁ ନେଇ ସଚେତନତା ହେବାର ଦିନଟିଏ ହେଉଛି ଜାତୀୟ ଆଇନ ସଚେତନତା ଦିବସ । ବର୍ଷ ବର୍ଷ ଧରି ଭାରତୀୟ ପିଙ୍ଗଳ ସଂହିତାରେ ସୂଚୀତ ହୋଇଥିବା ବିଭିନ୍ନ ଆଇନର ବ୍ୟବସ୍ଥା ସାମ୍ପ୍ରତିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ସମସ୍ତଙ୍କ ପାଇଁ ଆଇନ କାନୁନ୍ ଜାଣିବା ହେଉଛି ଜଣେ ଯଥାର୍ଥ ନାଗରିକର ଦାୟିତ୍ୱ । ସଂପ୍ରତି ଦେଖାଦେଉଛି ସରକାରୀ କଳ ଠାରୁ ଜାତୀୟ ଓ ରାଜ୍ୟ ତଥା ସାମ୍ପ୍ରତିକ ସମସ୍ୟାଭିତ୍ତିକ ପ୍ରସଙ୍ଗରେ ନ୍ୟାୟପାଳିକା ହସ୍ତକ୍ଷେପ କରି ସଂପୃକ୍ତ ପକ୍ଷକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । କହିବାକୁ ଗଲେ ଭାରତୀୟ ନ୍ୟାୟପାଳିକା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରଶଂସନୀୟ ହେଉଛି । ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସହରର ପିଇବା ପାଣି ବ୍ୟବସ୍ଥା ଠାରୁ ରାସ୍ତାଘାଟ ମରାମତି, ସମସ୍ୟା ବହୁଳ ପ୍ରସଙ୍ଗ ନେଇ ଶିକ୍ଷାୟତନରେ ତାଲା ବନ୍ଦ ଠାରୁ ଖୋଦ୍ ଡାକ୍ତରଖାନା ସମ୍ମୁଖରେ ପଡ଼ି ଛଟ ପଟ ହେଉଥିବା ରୋଗୀଟି ପାଇଁ ମାନ୍ୟବର ନ୍ୟାୟାଳୟ ନିଜ ଆଡୁ ଏ ନେଇ ମାମଲା ରୁଜୁ କରି ବ୍ୟବସ୍ଥାର ସୁଧାର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି । ଯାହାର ସୁଫଳ ସଂପୃକ୍ତ ରୋଗୀ ବା ଅନୁଷ୍ଠାନ ତତ୍‌କାଳ ପାଇବାରେ ସମର୍ଥ ହେଉଛନ୍ତି ।

ମୁଖ୍ୟ କଥା ହେଉଛି ଦିନକୁ ଦିନ ନ୍ୟାୟାଳୟରେ ମାମଲାର ବୋଝ ବୃଦ୍ଧି ପାଉଥିବାବେଳେ ସେହି ତୁଳନାରେ ମାନ୍ୟବର ବିଚାରପତି ଓ ଆନୁସଙ୍ଗିକ କର୍ମଚାରୀଙ୍କୁ ନୂତନ ନିଯୁକ୍ତି ଦିଆଯାଉନାହିଁ । ବର୍ଷ ବର୍ଷ ଧରି ମାମଲା ଖତ ଖାଇ ପରିଶେଷରେ ରାୟ ପ୍ରକାଶ ପାଇଲା ବେଳକୁ ଉଭୟ ମୁଦଲା ଓ ମୁଦେଇ ଜୀବନରେ ରହିନଥାନ୍ତି । ତେଣୁ ଯଥାର୍ଥରେ କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ । ନିତିଦିନିଆ ଜୀବନରେ ଦେଖାଯାଇଥାଏ ଆମ୍ଭେମାନେ ଜାଣି ମଧ୍ୟ ଧର୍ମକୁ ଆସ୍ଥାଠାର ପରି ନ୍ୟାୟାଳୟକୁ ସମ୍ମାନ ପ୍ରଦର୍ଶନ କରିନଥାଉ । ବ୍ୟକ୍ତିଗତ ଜୀବନରେ ଦେଶର ସମ୍ବିଧାନ ଓ ନ୍ୟାୟର ବିଭିନ୍ନ ଦିଗ ଉପରେ ଜାଣିବା ସମସ୍ତଙ୍କ ପାଇଁ ଜରୁରୀ । ସଂପ୍ରତି ଭାରାକ୍ରାନ୍ତ ମାମଲାକୁ ଲାଘବ ପାଇଁ ମାନ୍ୟବର କୋର୍ଟ ବିଭିନ୍ନ ସମୟରେ ଭ୍ରାମ୍ୟମାଣ କୋର୍ଟ, ଲୋକ ଅଦାଲତ ଓ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ଲୋକମାନଙ୍କ ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । ଆଇନକୁ ନେଇ ଜଣେ ଯଦି ସଚେତନ ନହୁଏ ତାହେଲେ ସେ ଲୋକକୁ ନ୍ୟାୟାଳୟ ନ୍ୟାୟ ପ୍ରଦାନ ପାଇଁ ବିଳମ୍ବ ହେବା ସ୍ୱାଭାବିକ । ବର୍ତ୍ତମାନ ଦେଖାଯାଉଛି କଥା କଥାକେ ଲୋକେ ଥାନା, କୋର୍ଟ କଚେରୀ ଧାଉଁଛନ୍ତି ଯାହାଦ୍ୱାରା ସେମାନଙ୍କ ମାନସିକ, ଶାରୀରିକ ଓ ଆର୍ଥିକ ସହିତ ବହୁମୂଲ୍ୟ ସମୟ ନଷ୍ଟ ହେଉଛି । ଭାରତ ବାହାରେ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ଲୋକମାନେ ସେହି ଦେଶର ସଂଘୀୟ ବ୍ୟବସ୍ଥା ପ୍ରଚଳିତ ଆଇନକୁ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି । ଯାହାକି ଭାରତ ବର୍ଷରେ ବିରଳ । ସେହିପରି ଅନେକ କ୍ଷେତ୍ରରେ ଦେଖାଯାଇଛି ହୃଦୟବାନ ଓ ଜ୍ଞାନଦୀପ୍ତ ଧର୍ମାବତାରମାନେ ସବୁଦିଗରୁ ବିଚାର କରି ସଠିକ୍ ନ୍ୟାୟ ପ୍ରଦାନ କରିଥାନ୍ତି । ନ୍ୟାୟର ଦଣ୍ଡ ଧରିଥିବା ବିଚାରପତିମାନଙ୍କୁ ଭାରତୀୟ ଚିନ୍ତା ଓ ଚେତନାରେ ଧର୍ମାବତାର ବୋଲି ସମ୍ବୋଧିତ କରାଯାଏ । ସରକାରୀ ଓ ବିଭିନ୍ନ ବେସରକାରୀ ସଂଗଠନର ମିଳିତ ଆୟୋଜନରେ ଗ୍ରାମାଂଚଳ ଠାରୁ ସହରାଂଚଳ ଓ ଆଦିବାସୀ ବହୁଳ ଅଂଚଳରେ ଲୋକମାନଙ୍କୁ ସୂଚିତ ପାଇଁ ବିଭିନ୍ନ ପ୍ରକାର ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଜଣେ ନାଗରିକ ନିଜର ହକ୍ ଓ ତଥ୍ୟ ଜାଣିବାର ସଚେତନର ଭାବ ରହିଲେ ଆଇନର ସଚେତନତା ବୃଦ୍ଧି ପାଇବ । କଟକରେ ଭାରତର ଗୌରବ ପରି ଜାତୀୟ ଆଇନ ମହାବିଦ୍ୟାଳୟ ଖୋଲାଯାଇଛି । ଭାରତ ଓ ଭାରତ ବାହାରୁ ବିଭିନ୍ନ ଦେଶର ଆଇନ ଛାତ୍ରଛାତ୍ରୀମାନେ ଏଠାରେ ଶିକ୍ଷାଦାନ ଗ୍ରହଣ କରୁଛନ୍ତି । ସରକାରଙ୍କ ଜାଗୋ ଗ୍ରାହକ ଜାଗେ ବ୍ୟବସ୍ଥାରେ ଆଇନର ସଚେତନତା ଦ୍ୱାରା ହିଁ ନାଗରିକ ବା ଗ୍ରାହକମାନେ ଜାଗରିତ ହୋଇପାରୁଛନ୍ତି । ଆଇନ ସଚେତନତା ପାଇଁ ସଂପ୍ରତି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ଭାବରେ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ସମସ୍ତଙ୍କ ପାଖରେ ନ୍ୟାୟ ପହଂଚାଇବା ପାଇଁ ଏବଂ ବିଶେଷକରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଓ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାର ଜନାଭିମୁଖୀ ପଦକ୍ଷେପ ନେଇ ସେମାନଙ୍କୁ ମାଗଣା ଆଇନ ସେବା ଯୋଗାଇବାର ବ୍ୟବସ୍ଥା ରଖିଛନ୍ତି । ଆଇନକୁ ସଚେତନଧର୍ମୀ କରି ସମସ୍ତଙ୍କ ପାଖରେ ନ୍ୟାୟ ପହଂଚାଇବା ପାଇଁ ଗଣମାଧ୍ୟମ ଠାରୁ, ବେସରକାରୀ ସଂଗଠନ ଓ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜି ଜାତୀୟ ଆଇନ ସଚେତନତା ଦିବସ ଅବସରରେ ସମସ୍ତେ ଭାରତୀୟ ସଂଘୀୟ ବ୍ୟବସ୍ଥାର ଆଇନକୁ ସମ୍ମାନ ଜଣାଇ ସଚେତନ ହେବାଦ୍ୱାରା ଏକ ପ୍ରଗତିଶୀଳ ଓ ଜାଗ୍ରତ ରାଷ୍ଟ୍ର ଗଠନ କରିବାରେ ନିଜକୁ ଉତ୍ସର୍ଗ କରିବା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ -
୧୦୮୭/ଡ଼ି, ସେକ୍ଟର-୬,କଟକ

ସଂପର୍କ ବିନା ଜୀବନ ଅଧୁରା

॥ ରବିନାରାୟଣ ପଟ୍ଟନାୟକ ॥

ମଣିଷ ଜୀବନରେ ଯଦି କିଛି ନେଇକି ଚାଲେ ତାହା ହଉଛି ସଂପର୍କ ।ତାହା ସ୍ୱାମୀ ସ୍ତ୍ରୀ ସଂପର୍କ ହଉ କି ଭାଇ ଭଉଣୀ ସଂପର୍କ ହଉ । ସୁଖ ସମୟ ରେ ସାରା ଦୁନିଆ ତମ ସାଙ୍ଗରେ ଛିଡ଼ା ହୁଏ ।ଏମିତି ଦେଖେଇ ହୁଏ ଯେମିତି ଗୋଟେ ପଣ ଆପଣାର କିନ୍ତୁ ଯେବେ ବିପଦ ଆସେ ସେଇ ସମୟରେ ନିଜ ସଂପର୍କ ମାନେ ହିଁ ପାଖରେ ଥାଆନ୍ତି ।କିନ୍ତୁ ବାସ୍ତବିକ୍ ଏହା ଗୋଟେ ମଣିଷ ସେଇ ଯାଏ ବୁଝିପାରେନି ଯୋଉ ପର୍ଯ୍ୟନ୍ତ ଜଣେ ଏହାକୁ ଅନୁଭବ ନ କରିଛି । ଆଜିର ଦୁନିଆରେ ସବୁଠୁ ବଡ଼ ସମସ୍ୟା ହଉଛି ଯେଉ କଥା ଭୁଲି ଯିବା କଥା ସେଇ କଥା ଆମେ ବର୍ଷ ବର୍ଷ ଧରି ମନେ ରଖୁ କିନ୍ତୁ ଯାହା ମନେ ରଖିବା କଥା ତାହା ଆମେ ସଙ୍ଗେ ସଙ୍ଗେ ଭୁଲି ଯାଉ । ଯାହା ଫଳରେ କି ଆଜିର ସମୟରେ ମଣିଷ ନିଜ ଘରେ ରହି ମଧ୍ୟ ଏକା ହେଇଯାଉଛି । ଗୋଟେ ଗାଁ ରେ ଦୁଇ ଭାଇ କୁ ନେଇକି ପରିବାର ଭିତରେ ସମସ୍ତେ ଖୁସି ରେ ଚଳୁ ଥିଲେ ବହୁତ୍ ଭଲ ପାଇବା ତାଙ୍କ ମଧ୍ୟରେ ରହୁଥିଲା । ଦୁଇ ଭାଇ ନିଜ ଜୀବନ ଠୁଁ ଅଧିକ ଜଣେ ଅନ୍ୟ ଜଣକୁ ଭଲ ପାଉଥିଲେ । ଗାଁ ଲୋକ ତାଙ୍କୁ ଆଦର୍ଶ ରୂପେ ସବୁ ବେଳେ ଦର୍ଶାଉଥିଲେ । ସାନ ଭାଇ ବଡ଼ ଭାଇ କୁ ସବୁ ବେଳେ ସମ୍ମାନ କରୁଥିଲେ ।ଯେବେବି ଗୋଟେ ଭାଇ ବାହାରକୁ ଯାଏ ଆଉ ଗୋଟେ ଭାଇ ପାଇ ନିଶ୍ଚିନ୍ତ କିଛି ନା କିଛି ନେଇକି ଆସନ୍ତି । ଦିନେ ଗୋଟେ କଥା କୁ ନେଇକି ଦୁଇ ଭାଇ ଙ୍କ ଭିତରେ ମନ ମାଳିନ୍ୟ ହେଲା ସାନ ଭାଇ ବଡ଼ ଭାଇ କୁ ବହୁତ୍ କିଛି କହିଦେଲା । ବଡ଼ ଭାଇ ଚିନ୍ତା କଲା ସାନ ଭାଇ ମୋର ସମ୍ମାନ କଲାନି ତାକୁ ବହୁତ୍ କଷ୍ଟ ଅନୁଭବ କଲା ସେଇ ଦିନଠୁ ଦୁଇଭାଇ ଅଲଗା ହୋଇଗଲେ । ଯେବେବି ଦୁଇଜଣ ଙ୍କ ଭିତରେ ଭେଟ ପଡୁଥିଲା ସେମାନେ ନ ଚିହ୍ନିଲା ପରି ଦୂରେଇ ଯାଉଥିଲେ । ଏମିତି ବହୁତ୍ ବର୍ଷ ପରେ ସାନ ଭାଇ ର ଝିଅ ବାହାଘର ଠିକ୍ ହେଲା ସାନ ଭାଇ ଚିନ୍ତା କଲା କି ବଡ଼ ଭାଇ କୁ ଡାକିବାକୁ । ସାନ ଭାଇ ବଡ଼ ଭାଇ ପାଖକୁ ଗଲା ନିଜ ଝିଅ ର ବାହାଘର କଥା କହିଲା ।ବଡ଼ ଭାଇ ସବୁ ଶୁଣିକି କିଛି ଉତ୍ତର ଦେଲନି । ଦୁଇ ଭାଇ ଙ୍କ ଭିତରେ ଗୋଟେ ସମାନତା ଥିଲା ଦୁଇ ଜଣ ଜଣେ ବାବା ଙ୍କ ପାଖକୁ ଯାଉଥିଲେ ସେଇ ବାବା ସବୁ ଦିନ ପ୍ରବଚନ ଦିଅନ୍ତି । ସାନ ଭାଇ ବାବା ଙ୍କ ପାଖକୁ ଗଲେ ପ୍ରବଚନ ସରିଲା ପରେ ବାବା ଙ୍କୁ ଦେଖା କରିକି ସମସ୍ତ କଥା କହିଲେ । ଏହା ପର ଦିନ ବଡ଼ ଭାଇ ସେଇ ବାବା ଙ୍କ ପ୍ରବଚନ୍ ସରିଲା ପରେ ଯେତେ ବେଳେ ଆଶୀର୍ବାଦ୍ ନବା ପାଇଁ ଗଲେ ବାବା ପଚାରିଲେ ତମ ସାନ ଭାଇ ଙ୍କ ଝିଅ ବାହାଘର ତମେ ଜଣ ଦାୟିତ୍ୱ ନଉତ ବଡ଼ ଭାଇ ସଙ୍ଗେ ସଙ୍ଗେ ତା ଭିତରେ ଥିବା ରାଗ ବାହାର କରିକି ସବୁ କଥା କହିଲା । ମୁଁ ସବୁଠୁ ଅଧିକ ଭଲ ପାଉଥିଲି କିନ୍ତୁ ସାନ ଭାଇ ମୋତେ ଏମିତି ଅସମ୍ମାନ କରିଛି । ବାବା ସବୁ କଥା ଧ୍ୟାନ ସହିତ ଶୁଣୁଥାନ୍ତି ।ଏହା ପରେ ବାବା ଜଣ ଙ୍କ ପଚାରିଲେ ମୁଁ କାଲି ଗୋଟେ ଭଲ କଥା କହିଥିଲି କୁହ ତ କଣ କହିଥିଲି । ବଡ଼ ଭାଇ ଯେତେ ବି ଚିନ୍ତା କଲା କିନ୍ତୁ ମନେ ପକେଇପାରିଲାନି । ବାବା କହିଲେ ଏହାହିଁ ହଉଛି ଆଜି ର ସମସ୍ୟା । ତମେ ବହୁତ୍ ଦିନ ତଳ କଥା ମନେ ରଖିଛ ଯାହା ତମ ସଂପର୍କ କୁ ଫାଟ କରୁଛି କିନ୍ତୁ କାଲି କଥା ଭୁଲି ଗଲେଣି । ବଡ଼ ଭାଇ ଭୁଲ ବୁଝିପାରିଲା ସାନ ଭାଇ ର ଝିଅ ବାହାଘର ଯୋଗ ଦେଇକି ସବୁ କାମ କଲା । ଆଜିର ସମାଜ ରେ କୌଣସି ଛୋଟ କଥା କୁ ଧରିବସି ବଡ଼ ବଡ଼ ସଂପର୍କ ଭାଙ୍ଗି ଦେଉଛନ୍ତି କିନ୍ତୁ ଭୁଲି ଯାଉଛନ୍ତି ତାଙ୍କ ଭିତରେ ଆଜି ଯାଏ ଯୋଉ ସଂପର୍କ ରହିଛି ତା ଭିତରେ କେତେ ଭଲ ପାଇବା ଥିଲା । ଯେ କୌଣସି ସଂପର୍କ ଭାଙ୍ଗିବା ଆଗରୁ ଥରେ ଚିନ୍ତା କରିବା ଉଚିତ୍ ଆଜି ଯାଏ ସେଇ ସଂପର୍କ ରଖିଥିଲି କଣ ପାଇଁ । ଛୋଟ ଛୋଟ କଥା ଭୁଲ୍ କି ମିଶିକି ଆଗକୁ ଯିବା ହିଁ ସଂପର୍କ କୁହାଯାଏ ।

ପଟିଆ ଭୁବନେଶ୍ୱର
୯୯୩୮୧୧୩୨୨୬

ବିଦ୍ୟାର୍ଥୀଙ୍କ ପାଇଁ ବରଦାନ ପି.ଏମ୍. ବିଦ୍ୟାଲକ୍ଷ୍ମୀ

॥ ବାଦଲ ଭୂୟାଁ ॥

ଓଡ଼ିଶାରେ ବିଜେପି ସରକାର ଓ କେନ୍ଦ୍ରରେ ମୋଦିଜୀଙ୍କ ବିଜେପି ସରକାର, କହିବାକୁଗଲେ ଡବଲ ଇଞ୍ଜିନ ସରକାର ବିଶେଷକରି ଓଡ଼ିଶାର ଶିକ୍ଷାକ୍ଷେତ୍ର ପାଇଁ ଫୋକସ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଭାରତ ଯୋଜନା କାର୍ଯ୍ୟକ୍ରମରେ ଓଡ଼ିଶା ସ୍ଥାନ ପାଇଥିବାରୁ ଓଡ଼ିଶାର ଶିକ୍ଷାକ୍ଷେତ୍ର ଏବେ ଅନେକ ଅଗ୍ରଗତି କରୁଛି । ଅର୍ଥ ପାଇଁ କୌଣସି ମେଧାବୀ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ଯେପରି ବଂଚିତ ନହେବେ ସେମାନଙ୍କ ପାଇଁ ସର୍ବୋପରି ଅସହାୟ ଓ ଗରିବ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ନିମିତ୍ତ ଉଚ୍ଚ ଶିକ୍ଷା ଦିଗରେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା ପ୍ରୋତ୍ସାହନ ଦେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୩୬୦୦ କୋଟି ଟଙ୍କା ବ୍ୟୟର ଏହି ଯୋଜନାକୁ ମଞ୍ଜୁରୀ ଦେଇଛି ଯାହାକି ଉଚ୍ଚଶିକ୍ଷାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ସବୁଠାରୁ ବଡ଼ କଥା ହେଉଛି ଏହାର ଶ୍ରେୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଓଡ଼ିଶା ବିଜେପିର ବଡ଼ ଚେହେରା ତଥା ମୋଦିଜୀ ଓ ଅମିତ ଶାହାଙ୍କ ଅତ୍ୟନ୍ତ ଘନିଷ୍ଠ ତଥା ଅନୁଗତ କୁହାଯାଉଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କୁ ଏହି ଶ୍ରେୟ ଦିଆଯିବ । ଏହି ଯୋଜନାରେ ଉଭୟ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନର ମେଧାବୀ ଛାତ୍ରଛାତ୍ରୀମାନେ ଆର୍ଥିକ ସୁଫଳ ପାଇବେ । ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ସୁପାରିଶ କରାଯାଇଥିଲା ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥ ବାଧକ ହୋଇଥିବାରୁ ଏହି ଯୋଜନା ଅନୁଯାୟୀ ଯେ କୌଣସି ଛାତ୍ରଛାତ୍ରୀ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ସମ୍ପୂର୍ଣ୍ଣ ପରିମାଣର ପାଠ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ସହ ଟ୍ୟୁସନ ଫି ସବୁକିଛି ଉପଲବ୍ଧ ହେବ । ଦେଶର ୮୬୦ଟି ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହାର ସୁଫଳ ପାଇବେ । ସବୁଠାରୁ ବଡ଼ କଥା ହେଉଛି ଏନଆଇଆରଏଫ ମାନ୍ୟତାରେ ବର୍ଗ ଆଧାରିତ ଓ ଡୋମେନ ଆଧାରିତ ର୍‍ୟାଙ୍କିଂ ସହିତ ଶୀର୍ଷ ୧୦୦ ଶିକ୍ଷାନୁଷ୍ଠାନରେ ସ୍ଥାନିତ ଶିକ୍ଷାନୁଷ୍ଠାନ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାନୁଷ୍ଠାନ ମାନ୍ୟତାରେ ୧୦୧ରୁ ୨୦୦ ମଧ୍ୟରେ ସ୍ଥାନ ପାଇଥିବା ଅନୁଷ୍ଠାନ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ଯୋଜନା ଲାଗୁ ହେବ । ଏହାସହ ୭.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ବକେୟା ଖିଲାପି ଉପରେ ଛାତ୍ରଛାତ୍ରୀ ୭୫% ଋଣ ଗ୍ୟାରେଣ୍ଟି ପାଇପାରିବେ ଯାହାଦ୍ୱାରା ଏହି ଯୋଜନା ଅଧୀନରେ ଆସୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଋଣ ପାଇଁ ବ୍ୟାଙ୍କ ଗୁଡ଼ିକ ସହଯୋଗ ଦେବେ । ଯୋଜନା ଲାଗୁ ହେବାପରେ ଉଚ୍ଚଶିକ୍ଷା ବିଭାଗର ଏକ ସମନ୍ୱିତ ପୋର୍ଟାଲ ପି.ଏମ. ବିଦ୍ୟାଲକ୍ଷ୍ମୀ ରହିବ । ଯେଉଁଥିରେ ଛାତ୍ରଛାତ୍ରୀମାନେ ସମସ୍ତ ବ୍ୟାଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଥିବା ସରଳୀକୃତ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଶିକ୍ଷାଋଣ ଓ ସୁଧ ଛାଡ଼ ପାଇଁ ଆବେଦନ କରିପାରିବେ । ଇ-ଭାଉଚର ଓ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି ୱାଲେଟ ଜରିଆରେ ସୁଧ ରିହାତି ମିଳିବ । ଭାରତର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ବିଶେଷକରି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଯୋଜନା ରଖିଥିବା ଆମ ଲୋକପ୍ରିୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କ କହିବା ଅନୁଯାୟୀ ଭାରତର ପ୍ରତିଭାବାନ ଯୁବକ ଯୁବତୀଙ୍କୁ ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ହେଉଛି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଗ୍ୟାରେଣ୍ଟି । ପି.ଏମ୍. ବିଦ୍ୟାଲକ୍ଷ୍ମୀ ମଞ୍ଜୁର ହେବା ପରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଆଉ ରହିବ ନାହିଁ । ଏହି ଯୋଜନା ଅନ୍ତର୍ଭୁକ୍ତ ବିଦ୍ୟାର୍ଥୀମାନେ ବିନା ବନ୍ଧକରେ ଏବଂ ଗ୍ୟାରେଣ୍ଟର ମାଗଣା ଶିକ୍ଷା ଋଣ ପାଇପାରିବେ । ଧର୍ମେନ୍ଦ୍ର ବାବୁଙ୍କ ଭିଜନ ଅନୁଯାୟୀ ସ୍ୱଚ୍ଛ, ପାରଦର୍ଶୀ ବିଦ୍ୟାର୍ଥୀ ସହଯୋଗୀ ଓ ଡିଜିଟାଲ ଆପ୍ଲିକେସନରେ ସମସ୍ତ ବ୍ୟାଙ୍କ ଦ୍ୱାରା ଶିକ୍ଷାଋଣ ପ୍ରଦାନ କରାଯିବ । ପି.ଏମ.ବିଦ୍ୟାଲକ୍ଷ୍ମୀ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ ବୋଲି ତାଙ୍କ ମତ ।

ଓଡ଼ିଶାରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଋଣ ଏବଂ ଅର୍ଥ ସହ ଶିକ୍ଷାଗତ ପ୍ରୋତ୍ସାହନ ସେମାନଙ୍କ ଆଗକୁ ଯିବା ପାଇଁ ବଡ଼ ପ୍ରତିବନ୍ଧକ ହୋଇଥାଏ । ସରକାରୀ ଅନୁଷ୍ଠାନ ବ୍ୟତୀତ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଏହି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବରଦାନ । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଶିକ୍ଷାକ୍ଷେତ୍ରକୁ ଅତ୍ୟନ୍ତ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେଉଥିବାରୁ ଏହି ଯୋଜନା ଅତ୍ୟନ୍ତ ବରଦାନ ସାବ୍ୟସ୍ତ ହେବ । ସବୁଠାରୁ ବଡ଼ କଥା ହେଉଛି ଧର୍ମେନ୍ଦ୍ର ବାବୁ ଓଡ଼ିଶାର ଶିକ୍ଷା ଭିଜନ ପାଇଁ ଯେଉଁ କ୍ରାନ୍ତିକାରୀ ଯୋଜନା ଆଗେଇ ନେଉଛନ୍ତି ଏହା ମେଧାବୀ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଆଗେଇ ନେବା ସହ ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଆଗାମୀ ଦିନରେ ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ୱର୍ଣ୍ଣିମ କ୍ୟାରିୟର ବିଶ୍ୱ ଦରବାରରେ ପ୍ରତିପାଦିତ କରିପାରିବେ । ଓଡ଼ିଶାର ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରକୁ ଯୋଜନାର ଅଗ୍ରଗତି କରି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ପ୍ରୋତ୍ସାହନ ଓ ସଫଳତା ପ୍ରେରଣା ଯୋଗାଉଥିବାରୁ ଜଣେ ଓଡ଼ିଆ ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ଓଡ଼ିଶା ବିଜେପିର ସବୁଠାରୁ ଲୋକପ୍ରିୟ ଚେହେରା ଧର୍ମେନ୍ଦ୍ର ବାବୁଙ୍କୁ ଅଭିନନ୍ଦନ, ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,

ସେଇଠୁ ଆରମ୍ଭ
SEITHO ARAMBHA

ଗୁରୁବାର, ୭ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସ୍ୱାଧୀନତାର ୮୦ ବର୍ଷ ପରେ ତିଆରି ହେଲା ରାସ୍ତା
ବିଡିଓଙ୍କୁ ଧନ୍ୟବାଦ୍ ଦେଲେ ଗ୍ରାମବାସୀ

'ସେଇଠୁ ଆରମ୍ଭ'ର ମହା ପ୍ରଭାବ

ବଣାଇଁ, ୦୬।୦୫(ଆ.ପ୍ର) : ବଣାଇଁ ବ୍ଲକ କଷଡା ପଂଚାୟତ ଘନଶ୍ୟାମପୁର ଗାଁ, ଯେଉଁ ଗାଁକୁ ଭଲ ସ୍ଥାୟୀ ରାସ୍ତାଟିଏ ନଥିଲା । ସ୍ୱାଧିନତାର ୮୦ବର୍ଷ ପରେ ମଧ୍ୟ ଗ୍ରାମବାସୀଙ୍କ ପାଇଁ ରାସ୍ତା ସାତ ସପନ ପାଲଟିଥିଲା । ଇତି ମଧ୍ୟରେ ଉକ୍ତ ଗାଁରେ ପଂଚାୟତ ସମିତି ପକ୍ଷରୁ ଏବେ ୧୧୦ ମିଟର କଂକ୍ରିଟ ସ୍ଥାୟୀ ରାସ୍ତା ନିର୍ମାଣ ହୋଇଛି । ସୂଚନା ଅନୁଯାୟୀ ଘନଶ୍ୟାମପୁର କଷଡା ପଂଚାୟତର ଏକ ରାଜସ୍ୱ ଗାଁ ଯାହାର ଲୋକସଂଖ୍ୟା ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ । ଘନଶ୍ୟାମପୁର ଗାଁ ନିକଟସ୍ଥ ପ୍ରଧାନମନ୍ତ୍ରୀ ରାସ୍ତା କଷଡା ଏବଂ ଜାତୀୟ ରାଜପଥ ୧୪୭କୁ ସଂଯୋଗ କରୁଛି । ରାସ୍ତା ନିର୍ମାଣ ପୂର୍ବରୁ ଖରା ଦିନକୁ ଛାଡ଼ି ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ସଂକୁଳ ଥିଲା । ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ ଉକ୍ତ ସାହୀ ମଧ୍ୟକୁ ପ୍ରବେଶ କରି ପାରୁନଥିଲେ । ଗାଁରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ସ୍କୁଲ, କଲେଜ ତଥା ଅଙ୍ଗନବାଡ଼ି କେନ୍ଦ୍ରକୁ ଏହି ରାସ୍ତାଦେଇ ବିପଦ ସଂକୁଳ ପରିସ୍ଥିତିରେ ପ୍ରତିଦିନ ଅଧ୍ୟୟନ ପାଇଁ ଆସୁଥିଲେ । ଉକ୍ତ ରାସ୍ତାକୁ ନେଇ 'ସେଇଠୁ ଆରମ୍ଭ' ଦୈନିକ ଖବରକାଗଜରେ ପ୍ରସାରଣ ପରେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟୀପୁରିଆ ନିଜେ ଆସି ରାସ୍ତାର ଦୟନିୟ ଅବସ୍ଥା ସମୀକ୍ଷା କରିଥିଲେ । ଏହି ଅବସରରେ କଷଡା ପଂଚାୟତର ସରପଂଚ ଅନନ୍ତ କୁମାର ପଟ୍ଟା ମଧ୍ୟ ଉପସ୍ଥିତ ରହି ରାସ୍ତାର ସ୍ଥିତି ପରଖିବା ସହିତ ଉକ୍ତ ଗ୍ରାମବାସୀଙ୍କୁ ବହୁ ଶିଘ୍ର ରାସ୍ତା ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିଲେ । ସେହି ସମୟରେ ରାସ୍ତା ସମସ୍ୟା ଯୋଗୁଁ ତାଙ୍କୁ ପାଦରେ ଚାଲିଚାଲି ଯାଇ କାର୍ଯ୍ୟ ତଦାରଖ କରିବାକୁ ପଡ଼ିଥିଲା । ପରେ ଉକ୍ତ ଘନଶ୍ୟାମପୁର ଗାଁ ରାସ୍ତା ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶାରେ ପଂଚାୟତ ସମିତି ପକ୍ଷରୁ ଅନୁମୋଦିତ ଅର୍ଥରେ କରିବା ପାଇଁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ବିଡ଼ିଓ ଆନ୍ତରିକତା, କଷଡା ପଂଚାୟତର ସରପଂଚଙ୍କ ସହଯୋଗ ଓ ଗ୍ରାମବାସୀ ପ୍ରମୁଖଙ୍କ ପ୍ରଚେଷ୍ଟାରେ ଉକ୍ତ ଗାଁକୁ ୫ଲକ୍ଷ ଟଙ୍କା ମଂଜୁର ଅର୍ଥରେ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ସରପଂଚଙ୍କ କହିବା ଅନୁସାରେ ଅବଶିଷ୍ଟ ରାସ୍ତା ପାଇଁ ଆଉ ପଂଚ ଲକ୍ଷ ଦିଆଯାଇଥିବା ଜଣାପଡିଛି । ସ୍ୱାଧିନତାର ୮୦ ବର୍ଷ ପରେ ଗାଁର ମୁଖ୍ୟ ରାସ୍ତା ତିଆରି ହୋଇପାରିଥିବାରୁ ଗ୍ରାମବାସୀ ବଣାଇଁ ବିଡ଼ିଓ, ସରପଂଚ ତଥା ରାସ୍ତା ପାଇଁ ଦାବି ରଖି ଯେଉଁ ମାନେ ଏ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିଥିଲେ ତାଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ୍ ଜଣାଇଛନ୍ତି ।

ପଂଚାୟତ ସ୍ତରୀୟ ସୁଭଦ୍ରାଶକ୍ତି କେନ୍ଦ୍ର ଉଦ୍‌ଘାଟନ କଲେ ବିଧାୟକ

ପାରଳାଖେମୁଣ୍ଡି, ୦୬।୦୫(ଆ.ପ୍ର) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ସୀତାପର ପଂଚାୟତ ଶ୍ରୀବିଷ୍ଣୁପୁର ଗ୍ରାମ ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ ରେ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଉଦଘାଟନ କଲେ ବିଧାୟକ ରୂପେଶ ପାଣଗ୍ରାହୀ, ସେଇଭଳି ଖାରଡା ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଏକ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଉଦଘାଟନ କରିଥିଲେ ବିଧାୟକ । ଖାରଡା ଗ୍ରାମ ନିକଟ ରେ ମହିଳା ମାନଙ୍କ ପାଇଁ ଗ୍ରାମ ପଂଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ରର ମଧ୍ୟ ଶୁଭ ଉଦଘାଟନ କରିଥିଲେ ବିଧାୟକ । ଏହି ସବୁ କୋଠା ନିର୍ମାଣ ପାଇଁ ପୂର୍ବ ସରକାର ଦେଇଥିବା ଟଙ୍କା ରେ ନିର୍ମାଣ ହୋଇଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ସରପଂଚ । ଏହି ଉଦଘାଟନୀ

ଉତ୍ସବରେ ବିଧାୟକ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ , କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମା, ସୀତାପୁର୍ ସରପଂଚ ଡେଜେଶ୍ୱର୍ ରାଓ, ଖାରଡା ସରପଂଚ ଅକ୍ଷୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବୀରଭାସ୍କର ଗଜପତି ଜିଲ୍ଲା ଏସ୍‌ଟି ମୋର୍ଚ୍ଚାର ସଭାପତି ମନୋନୀତ

ପାରଳାଖେମୁଣ୍ଡି, ୦୬।୦୫(ଆ.ପ୍ର) : ଗଜପତି ଜିଲ୍ଲା ଜନଜାତି (ଏସ୍‌ଟି)ମୋର୍ଚ୍ଚାର ସଭାପତି ଭାବେ ବୀରଭାସ୍କର ପାଇକ ମନୋନୀତ ହୋଇଛନ୍ତି । ସେ ପୂର୍ବରୁ ଆର୍.ଉଦୟଗିରି ବ୍ଲକର ମହେନ୍ଦ୍ରଗଡ ପଂଚାୟତର ସରପଂଚ ରୂପେ ସୁନାମ ଅର୍ଜନ କରିଛନ୍ତି । ଜଣେ ଭାରତୀୟ ଜନତା ପାର୍ଟିର ଶୃଙ୍ଖଳିତ କର୍ମୀ ହିସାବରେ ସେ ଏହି ପଦବୀ ଲାଭ କରିଛନ୍ତି । ସେ ଏଥିପାଇଁ ରାଜ୍ୟ ଜନଜାତି ମୋର୍ଚ୍ଚାର ସଭାପତି କାନ୍ତ୍ର ସୋରେନ୍, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତଥା ଗଜପତି ଜିଲ୍ଲାର ସମସ୍ତ ବିଜେପି କର୍ମକର୍ତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିଜ ଅଂଚଳବାସୀଙ୍କ ପାଇଁ ତାଙ୍କର ସେବା ଜାରୀ ରହିବ ବୋଲି ସେ କହିଛନ୍ତି ।

କଂଗ୍ରେସ ତରଫରୁ ଢିଙ୍କିଆରୁ ରାଜଧାନୀ ଗାନ୍ଧୀପଥେ ନ୍ୟାୟ ଯାତ୍ରା

ଏରସମା, ୦୬।୦୫(ଆ.ପ୍ର) : ଢ଼ିଙ୍କିଆ ଚାରିଦେଶରେ ମେଳିହେଲେ ଜାତୀୟ କଂଗ୍ରେସର ରାଜ୍ୟ ସ୍ତରୀୟ ନେତୃବୃନ୍ଦ । ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପରେ ବିସ୍ଥାପିତ ଓ ପ୍ରଭାବିତ ଗ୍ରାମବାସୀ ଙ୍କୁ ନ୍ୟାୟ ପ୍ରଦାନ ପ୍ରଦାନ ପାଇଁ ଆଜି ଜାତୀୟ କଂଗ୍ରେସ ତରଫରୁ ଢ଼ିଙ୍କିଆରୁ ରାଜଧାନୀ ଗାନ୍ଧୀପଥେ ନ୍ୟାୟଯାତ୍ରା ଢ଼ିଙ୍କିଆ ଗ୍ରାମର ଫୁଲଖାଇ ମନ୍ଦିର ପଦଯାତ୍ରାକୁ ଶୁଭରମ୍ଭ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ । ଧାନ, ପାନ, ମାଛକୁ ନେଇ ଗର୍ବ କରୁଥିବା ଢ଼ିଙ୍କିଆ ଚାରିଦେଶରେ ଜିନ୍ଦଲ କମ୍ପାନୀ ତାର ଆତଙ୍କରାଜ ଚଳାଇଥିବା ଅଭିଯୋଗ ଆଣିଛନ୍ତି ରାଜ୍ୟ ସ୍ତରୀୟ ଜାତୀୟ କଂଗ୍ରେସ ନେତୃବୃନ୍ଦ । ଏଠି ଜଙ୍ଗଲ ଜମିର ଅପବ୍ୟବହାର କରାଯାଇଛି, ଏଠି ଜଙ୍ଗଲ କାଟି ବନ୍ୟଜନ୍ତୁଙ୍କୁ ମୃତ୍ୟୁ ମୁଖରେ ପକାଯାଉଛି, ସରକାର ବିକାଶର ନାରା ଦେଉଥିବା ବେଳେ ଢ଼ିଙ୍କିଆ ଚାରିଦେଶ ରେ ବିକାଶ ବଦଳରେ ବିନାଶ ଚାଲିଥିବା ନେଇ କହିଛନ୍ତି ବରିଷ୍ଠ ନେତା ସୁର ରାଉତରାୟ । ଆମେ ଶିଳ୍ପକୁ ସ୍ୱାଗତ କରୁଛୁ, କିନ୍ତୁ ଶିଳ୍ପର ଗୁଣ୍ଡାଗିରିକୁ ନୁହେଁ, ଢ଼ିଙ୍କିଆ ଚାରିଦେଶରେ ଜିନ୍ଦଲ ପ୍ରକଳ୍ପ ପାଇଁ ଅତୀତରେ ପୋଲିସ ଯେଉଁ ଲାଠିଚାର୍ଜ କରିଥିଲା ତାହାକୁ ଆଜି ବି ଢ଼ିଙ୍କିଆ ଚାରିଦେଶବାସି ଭୁଲିପାରୁନାହାନ୍ତି । ଜିନ୍ଦଲ କମ୍ପାନୀ ପାଇଁ ବିଗତ ବିଜେଡି ସରକାର ଯେଉଁଭଳି ଢ଼ିଙ୍କିଆ ଚାରିଦେଶ ବାସିନ୍ଦାଙ୍କ ସହିତ ଖେଳ ଖେଳିଥିଲା ଠିକ ସେହିଭଳି ବର୍ତମାନର ବିଜେପି ସରକାର ସମାନ ନୀତି ଆପଣାଇଛନ୍ତି । ସମଗ୍ର ଓଡିଶାର ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ ହେଉଛି, ସେହି ସ୍ଥାନରେ ସମାନ ପରିସ୍ଥିତି ସୃଷ୍ଟି ହେଉଛି । ଜାତୀୟ କଂଗ୍ରେସ ଶିଳ୍ପ ନାମରେ ସାଧାରଣ ଜନତାଙ୍କୁ ଶୋଷଣର ପ୍ରତିବାଦ କରି ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଗାନ୍ଧୀପଥେ ନ୍ୟାୟଯାତ୍ରା ଢ଼ିଙ୍କିଆ ଚାରିଦେଶରୁ ଆରମ୍ଭ ହୋଇଛି । ଆସନ୍ତା ୧୪ ତାରିଖ ରାଜଧାନୀରେ ରାଜ୍ୟର କୋଣ ଅନୁକୋଣରୁ ଶିଳ୍ପ ଦ୍ୱାରା ପ୍ରତାରିତ ଅଂଚଳ ବାସି ଯୋଗଦେବା ସହିତ ଜାତୀୟ କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ଏହି ଦାବିକୁ ରାଜ୍ୟ ସରକାର ଯଦି ପାଳନ କରିବାରେ ବିଳମ୍ବ କରିବେ ତେବେ ଆଗାମୀ ଦିନରେ ଜାତୀୟ କଂଗ୍ରେସ ରାଜରାସ୍ତା କୁ ଓହ୍ଲାଇ ଶିଳ୍ପ ଦ୍ୱାରା ପ୍ରତାରିତ ଅଂଚଳବାସୀଙ୍କ ପାଇଁ ସ୍ୱର ଉତୋଳନ କରିବ । ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ ସ୍ୱାଇଁ, ରାଜ୍ୟ ମହିଳା ସଭାପତି ମିନାକ୍ଷୀ ବାହିନୀପତିଙ୍କ ସମେତ ଢିଙ୍କିଆ ଚାରି ଦେଶର ହଜାର ହଜାର ସଂଖ୍ୟାରେ ବିସ୍ଥାପିତ ଗ୍ରାମବାସୀ ମାନେ ନ୍ୟାୟ ଯାତ୍ରାରେ ଯୋଗ ଦେଇଥିଲେ ।

ସ୍ୱେଚ୍ଛାସେବୀ ସରୋଜ ପଣ୍ଡାଙ୍କ ସାମ୍ବାଦିକ ସମ୍ମିଳନୀ

ପାତ୍ରପୁର, ୦୬।୦୫(ଆ.ପ୍ର) : ଟିକିଟୀ ଅଂଚଳରେ ଚାଲିଥିବା ଅନ୍ୟାୟ ଏବଂ ପ୍ରଶାସନିକ ଅବହେଳା ବିରୋଧରେ ସ୍ୱେଚ୍ଛାସେବୀ ସରୋଜ ପଣ୍ଡା ଜୟନ୍ତିପୁର ଠାରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ କରି ନିଜ ଅଭିମୁଖ୍ୟ ପ୍ରକାଶ କରିଛନ୍ତି । ବିଗତ କିଛି ବର୍ଷ ଧରି ଜଣେ ସମାଜସେବୀ ଭାବେ ଦୁର୍ନୀତି ବିରୋଧରେ ଲଢ଼େଇ କରିଆସୁଥିବା ସରୋଜ କୁମାର ପଣ୍ଡା ଏବଂ ତାଙ୍କ ସହଯୋଗୀ ମାନଙ୍କୁ ଆଜି ସଂଘବଦ୍ଧ ଭାବେ ଟାର୍ଗେଟ କରାଯାଉଥିବା ପ୍ରକାଶ କରିଛନ୍ତି । ଦୁର୍ନୀତି ବିରୋଧରେ ସ୍ୱର ଉଠାଉଥିବା ସମାଜସେବୀ ଏବଂ ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡାଙ୍କ ବିରୋଧରେ ମିଥ୍ୟା ଓ ମନଗଢ଼ା କ୍ରିମିନାଲ କେସ ରୁଜୁ କରାଯାଉଥିବା ଏବଂ ପରମେଶ୍ୱର ଯାଦବଙ୍କ ଭଳି ଯୁବକ ଯିଏ ନିମ୍ନମାନର ରାସ୍ତା କାମକୁ ବିରୋଧ କରିଥିଲେ, ତାଙ୍କ ବିରୋଧରେ ସମ୍ପୂର୍ଣ୍ଣ ମିଥ୍ୟା ଆଟ୍ରୋସିଟି ମାମଲା ରୁଜୁ କରାଯାଇଛି । ସେହିପରି ମନରେଗା ଦୁର୍ନୀତି ପଦାକୁ ଆଣିଥିବା ସୁରେଶ ରେଡିଙ୍କୁ ମଧ୍ୟ ହଇରାଣ କରାଯାଉଛି । ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡାଙ୍କ ଉପରେ ପୂର୍ବରୁ ହତ୍ୟା ଉଦ୍ୟମ କରାଯାଇଥିବା ବେଳେ ଏବେ ପୁଣି ତାଙ୍କୁ ମିଥ୍ୟା ମାମଲାରେ ଫସାଯାଉଛି । ଖୋଦ ପୋଲିସ ଆଇଆଇସି ସମ୍ମୁଖରେ ଥିବା ବେଳେ ମଧ୍ୟ ଫୋନ ଯୋଗେ ମାରିଦେବାକୁ ଧମକ ମିଳୁଛି, ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଆମର ଏହି ଗୁରୁତର ସମସ୍ୟାକୁ ଉପଲବ୍ଧି କରି ମାନ୍ୟବର ସାଂସଦ ଡକ୍ଟର ସସ୍ମିତ ପାତ୍ର ସହିତ ଯୋଗାଯୋଗ କରିବାରୁ ପାତ୍ର ମହୋଦୟ ବ୍ରହ୍ମପୁର ଏସପିଙ୍କୁ ଲିଖିତ ପତ୍ର ମାଧ୍ୟମରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଜଣାଇଛନ୍ତି । ସେ ଏହି ଘଟଣାର ନିରପେକ୍ଷ ତଦନ୍ତ ଏବଂ ଆମର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆମେ ଏହି ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ବିଚାରପତିଙ୍କୁ ମଧ୍ୟ ଅବଗତ କରିଛୁ । ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ ଆଇ ଟି ଦ୍ୱାରା ଏହି ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ କରାଯାଉ । ଆମେ ନିଜ ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ 'ପଲିଗ୍ରାଫ୍ ଟେଷ୍ଟ ପାଇଁ ପ୍ରସ୍ତୁତ ଅଛୁ । ଯଦି ଆଗାମୀ ୩୦ ଦିନ ମଧ୍ୟରେ ଆମକୁ ନ୍ୟାୟ ନମିଳେ, ତେବେ ଆମେ ସମସ୍ତ ସହଯୋଗୀ କଟକ ସ୍ଥିତ ଡିଜିପି ଅଫିସ୍ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବୁ । ଆମକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆମର ଏହି ସଂଗ୍ରାମ ଜାରି ରହିବ ବୋଲି ସମାଜସେବୀ ସରୋଜ ପଣ୍ଡା ପ୍ରକାଶ କରିଥିବା । ଆଜିର ସାମ୍ବାଦିକ ସମ୍ମିଳନୀ ସମୟରେ ସରୋଜ କୁମାର ପଣ୍ଡା, ପରମେଶ୍ୱର ଯାଦବ, ସନ୍ତୋଷ କୁମାର ପଣ୍ଡା ସୁରେଶ ରେଡ଼ି, ଚନ୍ଦ୍ରଶେଖର ପ୍ରଧାନ ଓ ନାଗମା ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

ଦେଶୀ ବନ୍ଧୁକ ତିଆରି କାରଖାନା ଠାବ : ୩ଟି ଦେଶୀ ବନ୍ଧୁକ ସହ ବ୍ୟବହୃତ ସାମଗ୍ରୀ ଜବତ, ଜଣେ ଗିରଫ

ବାଲିଗୁଡା, ୦୬।୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଳିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ଥାନା ଅଂଚଳରେ ଏକ ଅବୈଧ ଦେଶୀ ବନ୍ଧୁକ କାରଖାନା ଠାବ ହୋଇଛି । ଗୁପ୍ତ ସୂଚନା ଆଧାରରେ ପୋଲିସ ଦଳ ତୁମୁଡିବନ୍ଧ ଥାନା ଲାବଣ୍ୟ ନଗର ଠାରେ ଅବୈଧ ଦେଶୀ ବନ୍ଧୁକ କାରଖାନାରେ ବନ୍ଧୁକ ସାମଗ୍ରୀ ତିଆରି ଓ ମରାମତି ହେଉଥିବା ସମୟରେ ଅଚାନକ ଚଢ଼ାଉ କରି ସେଠାରେ କାର୍ଯ୍ୟ କରୁଥିବା ଉକ୍ତ ଗ୍ରାମର ଦୈତାରୀ ଦିହାଣୀ (୪୦)ଙ୍କୁ ପୋଲିସ ଗିରଫ କରିବା ସହ ସେଠାରୁ ୩ଟି ଦେଶୀ ବନ୍ଧୁକ, ୨ଟି କାଠର ବଟ, ୨ଟି ଲୁହା ବ୍ୟାରେଲ, ୪ଟି ଟ୍ରିଗର ସେଟ୍, ଗାର୍ଡ ସହ ଇଲେକ୍ଟ୍ରିକ ଡ୍ରିଲ୍ ମେସିନ, କଟର ମେସିନ, ବ୍ଲୋଅର ମେସିନ, ହାମର, ଛିଜେଲ୍, ଫାଇଲ୍, ପ୍ଲାଏର୍ସ, ରେଂଚି, ସହ ବିଭିନ୍ନ ଲୁହା କାମର ସାମଗ୍ରୀ ମଧ୍ୟ ଜବତ ହୋଇଛି । ଏହି ସମସ୍ତ ସାମଗ୍ରୀ ଅବୈଧ ଭାବେ ଦେଶୀ ବନ୍ଧୁକ ତିଆରି ଓ ମରାମତି କାର୍ଯ୍ୟରେ ବ୍ୟବହୃତ ହେଉଥିଲା ବୋଲି ଏସ ଡି ପି ଓ ଶୁଭମ ଭୋସଲେ ପ୍ରକାଶ କରିଛନ୍ତି । ଏ ନେଇ ତୁମୁଡିବନ୍ଧ ଥାନା କେଶ ନଂ. ୬୨/୨୬ ରେ ଆର୍ମସ୍ ଆକ୍ଟ ୧୯୫୯ର ଧାରା ୨୫(୧)(ଏ) ଓ ୨୫(୧-ବି)(ଇ) ଅନୁସାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଅବ୍ୟାହତ ରଖିବା ସହ ଏହି ସବୁ ଘଟଣା ରେ ଅନ୍ୟ କେହି କେହି ସମ୍ପୃକ୍ତ ଅଛନ୍ତି, ସେ ନେଇ କଡାକଡି ଛାନଭିନ ଆରମ୍ଭ ହୋଇଯାଇଛି ।

ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ, ଟ୍ରାଫିକ ସମସ୍ୟା ଗୁରୁତର

ନିମାପଡା, ୦୬।୦୫(ଆ.ପ୍ର) : ବାଳିଘାଇ -ମାଧବ ରାଜ୍ୟ ରାଜପଥ (୬୦)ନମ୍ବରର ଚାରିଛକ ଠାରୁ ଜଲ୍ଲାରପୁର ୮ କିଲୋମିଟର ମୁଖ୍ୟ ରାସ୍ତା ଅତି ଶୋଚନୀୟ ହୋଇ ପଡିଛି. ଏହି ରାସ୍ତା ଦେଇ କଟକ ରାଉରକେଲା ପାରାଦ୍ୱୀପ କଲିକତା ପ୍ରଭୃତି ଅଂଚଳକୁ ଯାତ୍ରୀ ବାହି ବସ ଚାଲୁଥିବା ବେଳେ ଶତାଧିକ ମାଲବୁହା ଗାଡି ଯାତାୟାତ କରିଥାନ୍ତି । ମାତ୍ର ରାସ୍ତା ଅବସ୍ଥା ଏପରି ହୋଇଛି ଯେ ରାସ୍ତାରେ ହୋଇଥିବା ଛୋଟ ଛୋଟ ଖାଲ ରେ ବର୍ଷା ପାଣି ଜମି ରହୁଥିବାରୁ ଯାତ୍ରୀ ମାନେ ଖାଲ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ରାସ୍ତା ସମ୍ପ୍ରସାରଣ ହେବ ବୋଲି ୬ ମାସ ତଳୁ ବଜାର ମପା ଚାଲିଛି । ମାତ୍ର ମପା ସରୁନି କି ବଜାର ସମ୍ପ୍ରସାରଣ ହେଉନି । ଚାରିଛକରୁ ଅନ୍ତରଙ୍ଗ ଓ ଜଲ୍ଲାରପୁରରୁ ଚାରିଛକ ଦୁଇ ଅଳିଆ ରାସ୍ତା ହେବ ବୋଲି ଅର୍ଥ ମଂଜୁର ହୋଇଛି ବୋଲି ଶୁଣି ବାକୁ ମିଳିଛି । ଏପରିକି ଚାରିଛକରୁ ଜଲ୍ଲାର ପୁର ରାସ୍ତା ସମ୍ପ୍ରସାରଣ ଲାଗି ୪୬ କୋଟି ଓ ଚାରିଛକ ରୁ ଅନ୍ତରଙ୍ଗ ରାସ୍ତା ଲାଗି ୧୩୫ କୋଟି ଟଙ୍କା ମଂଜୁର ହୋଇଥିବା ଶୁଣିବାକୁ ମିଳୁଛି । ମାତ୍ର କାର୍ଯ୍ୟ ଆରମ୍ଭ ହୋଇନି । ବଜାର ମପା ମଧ୍ୟ ଠିକ ହୋଇନାହିଁ ବୋଲି ବହୁ ବ୍ୟବସାୟୀ କହିଛନ୍ତି । ଯେତିକି ପରିମାଣରେ ଦାଗ ଦିଆ ଯାଇଛି ସେତିକିରେ ଦୁଇ ଅଳିଆ ରାସ୍ତା ଲାଗି ନିଅଂଟ ପଡିବ ବୋଲି ବ୍ୟବସାୟୀ କହୁଛନ୍ତି । ବଜାର ମାପ ହୋଇ କିଛି ବ୍ୟବସାୟୀଙ୍କୁ ନୋଟିସ ଦିଆ ଯାଇଛି । ମାତ୍ର ଅଧିକାଂଶ ବ୍ୟବସାୟୀ ନୋଟିସ ପାଇନାହାନ୍ତି । ପୂର୍ବରୁ ନୋଟିସ ପାଇ ଆଗକୁ ମାଡି ଥିବା ଟିଣ ସବୁ କାଢି ଦେଇଥିଲେ. ମାତ୍ର ମାପ ବିଳମ୍ବ ହେତୁ ସେମାନେ ପୁନଶ୍ଚ ଟିଣ ଆଗକୁ ପକାଇବା ଲାଗି ଉଦ୍ୟମ କଲେଣି । ବଜାର ମପା ହୋଇ ବଜାରରୁ ଜବର ଦଖଲ ଉଚ୍ଛେଦ ନ ହେବାରୁ ଟ୍ରାଫିକ ସମସ୍ୟା ଗୁରୁତର ହୋଇ ପଡୁଛି । ଥାନା ପାଖରୁ ପୋଲିସ ଓ ଗୃହ ରକ୍ଷୀ ଉପସ୍ଥିତ ରହିଲେ ମଧ୍ୟ ଯାତ୍ରୀ ବାହି ବସ ଓ ମାଲ ବାହି ଗାଡି ଏକ ସମୟରେ ଆସିଯିବାରୁ ଟ୍ରାଫିକ ସମସ୍ୟାକୁ ଦୂରୀକରଣ କରିବା କଷ୍ଟକର ହୋଇ ପଡୁଛି । ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଜବର ଦଖଲ କରିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିବା ବେଳେ ଏଠି ଉଚ୍ଛେଦ ଲାଗି ପଦକ୍ଷେପ ନିଆ ଯାଉନି କାହିଁକି ବୋଲି ଆଲୋଚନା ହେଉଛି । ଅପର ପକ୍ଷରେ ଏହି ବଜାର ଭଙ୍ଗା ନ ଯାଇ ଆଗକୁ ମାଡି ଥିବା କିଛି କିଛି ଭାଙ୍ଗି ଦେବାକୁ ଏକ ରାଜନୈତିକ ଦଳ ପକ୍ଷରୁ ଚାପ ପଡ଼ିଥିବା ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ପୂର୍ତ ବିଭାଗ ସହକାରୀ ଯନ୍ତ୍ରୀ କୁଣାଳ ହେମ୍ବ୍ରମ କୁହନ୍ତି ଏହି ରାସ୍ତା କାର୍ଯ୍ୟ ଲାଗି ଟେଣ୍ଡରକୁ ଯାଇଛି କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ । ମାତ୍ର ରାସ୍ତା ମାପ ଓ ଉଚ୍ଛେଦ ଦିଗରେ ତହସିଲ ଦାର କାହିଁକି ପଦକ୍ଷେପ ନେଉ ନାହାନ୍ତି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଗୁଟିଙ୍ଗିଆରେ ଥିବା ଦୟାନନ୍ଦ ଆର୍ଯ୍ୟ ସମାଜର ୧୯ ତମ ବାର୍ଷିକ ଯଜ୍ଞ ଅନୁଷ୍ଠିତ

ଟିକାବାଲି, ୦୬।୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ଗୁଟିଙ୍ଗିଆ ପଂଚାୟତ ଅନ୍ତର୍ଗତ ଅର୍ଗାଡି ଗ୍ରାମରେ ଥିବା ଦୟାନନ୍ଦ ଆର୍ଯ୍ୟ ସମାଜର ୧୯ ତମ ବାର୍ଷିକ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ରୁ ଆସିଥିବା ପ୍ରବଚକ ଭାବେ ପଣ୍ଡିତ ଲକ୍ଷ୍ମଣ କୁମାର ଶାସ୍ତ୍ରୀ ଜି, ଅତିଥି ଆଚାର୍ଯ୍ୟ ଜ୍ୟୋତି ପ୍ରକାଶ ଜି, ତପବନ ଶାନ୍ତି ଆଶ୍ରମର ଆଚାର୍ଯ୍ୟ ରଶ୍ମି ଦେବ ଜି, ରିଦାପାଙ୍ଗାର ସୁଶ୍ରୀ ମାନସୀ ଗଙ୍ଗା, କନ୍ଧମାଳ ଜିଲ୍ଲା ଆର୍ଯ୍ୟ ସମାଜ ସଭାପତି ଆଜୀବନ ମଲ୍ଲିକ, ଗୁଟିଙ୍ଗିଆ ଆଶ୍ରମର ବିଶ୍ୱନାଥ ବାନପ୍ରସ୍ଥି, ପ୍ରେମାନନ୍ଦ ବାନପ୍ରସ୍ଥି ଗୋବିନ୍ଦ ବାନପ୍ରସ୍ଥି, ସନମାନିତ ଅତିଥି ସାମ୍ବାଦିକ ବାଳକୃଷ୍ଣ କହଁର ପ୍ରମୁଖ ଯୋଗଦେଇଥିଲେ । ଏଥିରେ କୋଣଅନୁକୋଣରୁ ଭକ୍ତ ମାନେ ବହୁସଂଖ୍ୟାରେ ଯୋଗଦେଇ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ, ଅର୍ଣ୍ଣ ଯଜ୍ଞରେ ସାମିଲ ହୋଇ ଭକ୍ତି ସମୂହ ଭଜନ ଗାନ କରିବା ସହ ଦୂରରୁ ଆସିଥିବା ବୁଦ୍ଧିଜୀବୀ ମାନଙ୍କ ଠାରୁ ପ୍ରବଚନ ମାଧ୍ୟମରେ ଜ୍ଞାନବାଣୀ ଆହରଣ କରିଥିଲେ । ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିଥିବା ବେଳେ ସଭାପତି ଭାବେ କାମଦେବ ପ୍ରଧାନ, ଉପସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ବନ୍ଦୁ ପ୍ରଧାନ, ସହ ସମ୍ପାଦକ ରାଜକିଶୋର ପ୍ରଧାନ ପରିଚାଳନା କରିଥିବା ବେଳେ ଗ୍ରାମର ମା, ଭଉଣୀ ମାନେ ସହଯୋଗ କରିଥିଲେ ।

ହାଇୱା ଧକ୍କାରେ ବୃଦ୍ଧା ଗୁରୁତର, ଛିଣ୍ଡିଗଲା ଗୋଡ଼

ବାଳିଗୁଡ଼ା, ୦୬।୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଳିଗୁଡ଼ା ଗାନ୍ଧୀ ଛକ ନିକଟରେ ବଡ଼ ଦୁର୍ଘଟଣା । ହାଇୱା ଧକ୍କାରେ ଶାଗ ବିକାଳି ବୃଦ୍ଧା ଗୁରୁତର । ଶାଗ ବିକାଳି ବୃଦ୍ଧା ପରିସ୍ରା କରିବାକୁ ଯିବାବେଳେ ଚଢ଼ିଗଲା ହାଇୱା । ଛିଣ୍ଡିଗଲା ବୃଦ୍ଧାଙ୍କ ଡାହାଣ ଗୋଡ଼ । ଗୁରୁତର ବୃଦ୍ଧା ଜଣକ ସିହ୍ନିଗାଁ ପଂଚାୟତର ଡେମାଙ୍ଗି ଗ୍ରାମର ଉପେକି ମଲିକ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ବୃଦ୍ଧାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବାଳିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା



ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି । ସୂଚନା ପ୍ରକାରେ ସବୁଦିନ ଭଳି ଆଜି ମଧ୍ୟ ବୃଦ୍ଧା ଜଣକ ଗାନ୍ଧୀ ଛକ ନିକଟରେ ରାସ୍ତା କଡ଼ରେ ବସି ଶାଗ ବିକ୍ରି କରନ୍ତି । ଆଜି ମଧ୍ୟ ସେଠାରେ ବସି ଶାଗ ବିକ୍ରି କରୁଥିଲେ । ପରିସ୍ରା କରିବାକୁ ଉପଜିଲ୍ଲାପାଳଙ୍କ ବାସଭବନ ରାସ୍ତାକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ବୃଦ୍ଧାଙ୍କ ଉପରେ ଚଢ଼ି ଯାଇଥିଲା । ଫଳରେ ବୃଦ୍ଧା ଜଣକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଡାହାଣ ଗୋଡ଼ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସେପଟେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ କରୁଛି ବାଳିଗୁଡ଼ା ପୋଲିସ୍ ।

କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବ ପୁର, ୦୬।୦୫(ଆ.ପ୍ର) : ଭଦ୍ରକ ଜିଲ୍ଲାର ବାସୁଦେବପୁରରୁ ଆସୁଛି ଏକ ସଚେତନତାମୂଳକ ଖବର । ଛାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟନଜରରେ ରଖି କଳ୍ପତରୁ ସଂସ୍କୃତମହାବିଦ୍ୟାଳୟରେ ଆୟୋଜିତ ହୋଇଛି ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ । ଆସନ୍ତୁ ଦେଖିବା ଏହି ବିଶେଷ ରିପୋର୍ଟ । ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ବଂଶୀପାଟଣା ଅଂଚଳରେ ଅବସ୍ଥିତ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତି ଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଉଛି ଛାତ୍ରୀମାନଙ୍କୁ ସ୍ୱୟଂ ସୁରକ୍ଷା ପ୍ରତି ସଚେତନ କରାଇବା । ବର୍ତମାନ ସମାଜରେ ନାରୀ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବା ବେଳେ, ଏପରି ପ୍ରଶିକ୍ଷଣ ଛାତ୍ରୀମାନଙ୍କୁ ଆତ୍ମରକ୍ଷାରେ ସକ୍ଷମ କରିବ । ଅଧ୍ୟାପକ ଓ ଅଧ୍ୟାପିକାମାନେ ଛାତ୍ରୀମାନଙ୍କୁ ଉଦ୍ବୋଧନ କରି କହିଥିଲେ ଯେ, ଆଜିର ଯୁଗରେ ନିଜ ସୁରକ୍ଷା ନିଜେ କରିବା ଅତ୍ୟାବଶ୍ୟକ । ପ୍ରଶିକ୍ଷଣ ଦେଇଥିଲେ ଜୟଶ୍ରୀ ନାୟକ । ସେ ଛାତ୍ରୀମାନଙ୍କୁ କିପରି ଆକ୍ରମଣ ସମୟରେ ସ୍ୱୟଂକୁ ସୁରକ୍ଷିତ ରଖିବେ ଏବଂ ପ୍ରତିରୋଧ କରିବେ, ସେଥିପାଇଁ ପ୍ରାକ୍ଟିକାଲ୍ ଡେମୋ ମାଧ୍ୟମରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହ ବହୁ ସଂଖ୍ୟକ ଛାତ୍ରୀ ଯୋଗଦେଇଥିଲେ । ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ନାରୀ ସୁରକ୍ଷା ପାଇଁ ଏକ ସକାରାତ୍ମକ ପଦକ୍ଷେପ ହେବା ସହ ଛାତ୍ରୀମାନଙ୍କୁ ନୂତନ ଦିଗ ଦେଖାଉଛି ।

ସେଇଠୁ ଆରମ୍ଭ
SEITHO ARAMBHA

ଗୁରୁବାର, ୭ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ହରିହର ସାଗରର ସୁରକ୍ଷା ପାଇଁ କ୍ଷୁଦ୍ର ଜଳ ସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଳାହାଣ୍ଡି, ୦୬।୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଏମ ରାମପୁର ସହରରେ ଥିବା ୧୦୦ ଏକର ବିଶିଷ୍ଟ ହରିହର ସାଗର (ଜଳାଶୟ)ର ସୁରକ୍ଷା, ପୁନଃରୁଦ୍ଧାର ପାଇଁ ହରିହର ସାଗର ବଂଚାଅ ସଂଗ୍ରାମ ସମିତି ପକ୍ଷରୁ ଜନ ଆନ୍ଦୋଳନ ଓ ବିକ୍ଷୋଭ ସ୍ଥାନୀୟ କ୍ଷୁଦ୍ରଜଳସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଛି । ଏହି ସାଗରର ପାଣି ଉପରେ ସହରର ହଜାର ହଜାର ଜନ ସାଧାରଣ ପିଇବା, ରୋଷେଇ କରିବା ସହ ଗାଧୋଇବା ପାଇଁ ନିର୍ଭର କରୁଥିଲେ ।କେବଳ ଏତିକି ନୁହେଁ ଏହି ସାଗରକୁ ବିଭିନ୍ନ ଅଂଚଳରୁ ଶହ ଶହ ପ୍ରଜାତିର ପକ୍ଷୀଙ୍କ ସମାଗମ ହେଉଥିଲା ହେଲେ ଏବେ ଦେଖିବାକୁ ମିଳୁନି । ତା ସହିତ ଏହି ସାଗର ଉପରେ ମାଛଚାଷ କରି ଜୀବିକା ନିର୍ବାହ କରୁଥିବା ଚାଷୀ ଏବେ ଚାଷ କରିବାରୁ ବଂଚିତ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ସ୍ଥାନୀୟ ଅଂଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଦୀର୍ଘ ବର୍ଷ ହେଲା ଏହି ସାଗର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଜଳାରେ ପରିପୂର୍ଣ୍ଣ ହେବା ସହ ହୋଟେଲ ପାଣି, ପାଇଖାନା ପାଣି ସାଗରରେ ମିଶୁଥିବାରୁ ଏବେ ତାହା ଲୋକଙ୍କ କାମରେ ଆସୁନାହିଁ । ଫଳରେ ଲୋକେ ସାଗରର ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ସାଗର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଅଛି । ହେଲେ ଏହାର ପୁନଃରୁଦ୍ଧାର ଓ ସୁରକ୍ଷା ପାଇଁ ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବାରୁ ଆଜି ହରି ହର ସାଗର ବଂଚାଅ ସଂଗ୍ରାମ ସମିତିର ନେତୃତ୍ୱରେ ସ୍ଥାନୀୟ ଲୋକେ ମିଶି ଜଳ ସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି । ତା' ସହିତ ବିଭାଗୀୟ ଏସ ଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ତୁରନ୍ତ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ଦଶମ ଶ୍ରେଣୀ ଛାତ୍ର ସୁଶାନ୍ତ ପଣ୍ଡା ନିଖୋଜ ରେଲୱେ ଷ୍ଟେସନରୁ ସାଇକେଲ ଉଦ୍ଧାର

ଧାମନଗର, ୦୬।୦୫(ଆ.ପ୍ର) : ଧାମନଗର ଥାନା ଅନ୍ତର୍ଗତ ବାରିକପୁର ମହେନ୍ଦ୍ର ପଣ୍ଡାଙ୍କ ପୁଅ ଦଶମ ପଣ୍ଡା(୧୫) ନିଖୋଜ ଦିଆଯାଇଛି । ଖବର ମେ' ୩ ତାରିଖ ସନ୍ଧ୍ୟା ୫ଟା ଶରଦପୁର ଗ୍ରାମକୁ ଟିଉସନ ନିକଟ କରଞ୍ଜି ଗ୍ରାମର ଶ୍ରେଣୀ ଛାତ୍ର ସୁଶାନ୍ତ ହୋଇଥିବା ସୂଚନା ନେବାରୁ ଯାହା ଜଣାଯାଏ ବେଳେ ସୁଶାନ୍ତ ନିକଟସ୍ଥ ପଢ଼ିବାକୁ ଯାଇ ଆଉ ଘରକୁ ଫେରିନଥିଲା । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୁଅର ସନ୍ଧାନ ନପାଇବାରୁ ମେ ୪ ତାରିଖରେ ତାଙ୍କ ମାଆ ମନୋରମା ପଣ୍ଡା ଧାମନଗର ଥାନାରେ ପୁଅ ନିଖୋଜ ହୋଇଥିବା ଲିଖିତ ଜଣାଇଛନ୍ତି । ଏହି ଅଭିଯୋଗକୁ ଆଧାର କରି ଧାମନଗର ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଏସଆଇ ରଶ୍ମିତା ମଲ୍ଲିକଙ୍କୁ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଆଇଆଇସି ସୁବ୍ରଜିତ ଦାଶ ସୂଚନା ଦେଇଛନ୍ତି । ତଦନ୍ତ ସମୟରେ ନିଖୋଜ ଛାତ୍ର ସୁଶାନ୍ତ ବ୍ୟବହାର କରୁଥିବା ସାଇକେଲ ଭଦ୍ରକ ଚରମ୍ପା ରେଲୱେ ଷ୍ଟେସନ ନିକଟରୁ ମିଳିଥିବା ଜଣାପଡିଛି । ତେବେ ଏ ପର୍ଯ୍ୟନ୍ତ ସୁଶାନ୍ତଙ୍କ କୌଣସି ପତା ମିଳିନାହିଁ ବୋଲି ପରିବାର ଲୋକଙ୍କ ଠାରୁ ସୂଚନା ମିଳିଥିବା ବେଳେ ପୋଲିସ ତରଫରୁ ତଦନ୍ତ ଜାରି ରହିଛି ଯଥାଶୀଘ୍ର ଉଦ୍ଧାର ହେବ ବୋଲି କୁହାଯାଇଛି ।

ଶ୍ରୀବିଷ୍ଣୁପୁର ଅଙ୍ଗନୱାଡ଼ି କେନ୍ଦ୍ର ବିଧାୟକ ଦେଖି କ୍ଷୁବ୍ଧ ହେଲେ ବିଧାୟକ

ପାରଳାଖେମୁଣ୍ଡି, ୦୬।୦୫(ଆ.ପ୍ର) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ସୀତାପୁର୍ ପଂଚାୟତ ଅନ୍ତର୍ଗତ ଶ୍ରୀବିଷ୍ଣୁପୁର ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଦେଖି କ୍ଷୁବ୍ଧହେଲେ ବିଧାୟକ । ବିଗତ ତିନି ବର୍ଷ ହେବ ଏହି ଅଙ୍ଗନୱାଡି କେନ୍ଦ୍ର ଟି ଅତି ସଚନୀୟ ଭାବେ ଭାଙ୍ଗି ପଡ଼ିଥିବା ବେଳେ ସ୍ଥାନୀୟ ସରପଂଚ ତେଜେଶ୍ୱର୍ ରାଓ ବହୁବାର ଅଭିଯୋଗ କରିଆସୁଥିଲେ କିନ୍ତୁ କୌଣସି କାର୍ଯ୍ୟକାରୀ ହୋଇନଥିବା, ଗତକାଲି ସେହି ଅଙ୍ଗନୱାଡି କେନ୍ଦ୍ର ନିକଟରେ ଥିବା ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହର ଉଦଘାଟନୀ ଉତ୍ସବରେ ବିଧାୟକ ରୂପେଶ ପାଣିଗ୍ରାହୀ ଯୋଗଦେଇଥିଲେ । ଏହି ଉଦଘାଟନୀ ଉତ୍ସବ ପରେ ସ୍ଥାନୀୟ ସରପଂଚ ବିଧାୟକଙ୍କୁ ସେଇ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଦେଖାଇଥିଲେ, ସେଠିକାର ପରିବେଶ ଦେଖି ବିଧାୟକ କ୍ଷୁବ୍ଧ ହୋଇଥିଲେ ଓ ସଙ୍ଗେ ସଙ୍ଗେ ସେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କରି ତୁରନ୍ତ ଏହାର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଙ୍ଗନୱାଡି କେନ୍ଦ୍ର ଭଗ୍ନାବଶେଷ ରେ ଥିବାବେଳେ କେଉଁ ମୂହୁର୍ତ୍ତରେ କାନ୍ଥ ଭୁଶୁଡ଼ି ପଡିବ କେଉଁ ନିରୀହ ଶିଶୁର ଜୀବନ ଯିବ ତାହା ସମୟ ହିଁ କହିବ । ଅଙ୍ଗନୱାଡି କେନ୍ଦ୍ରର ପରିସର ମଧ୍ୟରେ ଜଙ୍ଗଲ ସୃଷ୍ଟି ହେଲାଭଳି ଦେଖାଯାଉଛି , ସାପ ଓ ଜନ୍ତୁ ଏହି ପରିସର ମଧ୍ୟରେ ରହୁଥିବା ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର ଦିଦି ମାନେ ଜଣାଇଥିଲେ । ଏହି ପରି ଅବ୍ୟବସ୍ଥା ଭିତରେ ଥିବା ବେଳେ ଏଠି ପାଠ ପଢିବା ସମ୍ଭବ ନଥିବାରୁ ତର୍ଚ୍ଚ ବାରଣ୍ଡାରେ ନିରୀହ ଶିଶୁ ମାନଙ୍କୁ ପାଠ ପଢ଼ାଇବା ସହ ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ଚିକିତ୍ସା କରାଯାଉଛି ।

ଅବକାରୀ ଥାନା ଚଢ଼ାଉ ୧୩୦ଲିଟର ମଦ ସହିତ ୬ଗିରଫ

ଟାଙ୍ଗୀ ଚୌଦ୍ୱାର, ୦୬।୦୫(ଆ.ପ୍ର) : ଅବକାରୀ ସୁପେରିଂଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଏକ ବଡ଼ ଧରଣର ଚଢ଼ାଉ ହୋଇଛି । ଏହି ଚଢ଼ାଉ ଜଗତପୁର, ଗୋଡିପାଟଣା, ବିରୂପା ଓ ମଙ୍ଗୁଳି ଆଦି ବିଭିନ୍ନ ଅଂଚଳରେ କରାଯାଇଛି ଓ ଏହି ଚଢ଼ାଉରେ ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣରେ ଜବତ କରାଯାଇଛି ଏହି ଚଢ଼ାଉରେ ୧୩୦ ଲିଟର ଦେଶୀ ମହୁଲି ମଦ ସହିତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଏହି ଚଢ଼ାଉରେ ଚୌଦ୍ୱାର ଅବକାରୀ ଥାନାର ଇନସ୍ପେକଟର ମାନସୀ ନାୟକ, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ରହିଥିଲେ । ଏମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇଅଛି । ଆସାମୀ ମାନଙ୍କର ନାମ ଯଥାକ୍ରମେ ଗୋଡିପଟଣାର ବିଜୟ ଜେନା, ପାଇକରାପୁର ସୁରଞ୍ଜନ ଜେନା, ଜଗତପୁରର ବାବୁ ବୈଦ୍ୟ, ଲକ୍ଷ୍ମଣପୁରର ଦିଲୀପ ସାମଲ ଓ ସନ୍ତୋଷ ରଥ, ଚୌଦ୍ୱାରର କିଶାନ ସ୍ୱାଇଁ ବୋଲି ଜଣା ପଡ଼ିଛି ।

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଚିଲିକା କୂଳରେ ଜଳଛତ୍ର

ଚିଲିକା/ବାଣପୁର, ୦୬।୦୫(ଆ.ପ୍ର) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଉପଶମ ପାଇବା ପାଇଁ ଚିଲିକା କୂଳରେ ଯାତ୍ରୀ ଓ ପଥିକମାନଙ୍କ ନିମନ୍ତେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ରୋଭର -ରେଞ୍ଜର ଶାଖା ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ଗୀତା ରାଉତ, ଯୁବ ରେଡ଼କ୍ରସ ପରାମର୍ଶଦାତା ଡକ୍ଟର ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପକ ଧୋବୀ ଚରଣ ପରିଡା, ରୋଭର -ରେଞ୍ଜର ଅଧିକାରୀ ଅଧ୍ୟାପିକା ସ୍ମିତାରାଣୀ ମୁଦୁଲି ଓ ଦୀପକ କୁମାର ପରିଡାଙ୍କ ନେତୃତ୍ୱରେ ଚିଲିକା କୂଳରେ ଆରମ୍ଭ ହୋଇଥିବା ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଉଦଘାଟନ କରି ଜନସାଧାରଣଙ୍କୁ ଦହିପଣା ବଂଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତିନୋଟି ସେବା ସଂସ୍ଥାର ସ୍ୱେଚ୍ଛାସେବୀ ଯୋଗଦେଇ ଯାତ୍ରୀ ଓ ପଥିକମାନଙ୍କୁ ଦହିପଣା ଓ ଜଳ ବଂଟନ କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

କବି ସଦାନନ୍ଦ ସାହୁ ଥିଲେ ବହୁ ପ୍ରତିଭାର ଅଧିକାରୀ

ଭଦ୍ରକ, ୦୬।୦୫(ଆ.ପ୍ର) : ପ୍ରକୃତି, ପରିବେଶ, ଜୀବନଧର୍ମୀ, ଦେଶାତ୍ମବୋଧକ, ଲୋକ ସଂସ୍କୃତି, ଲୋକ ପରମ୍ପରା, ସଙ୍ଗୀତ, କବିତା ସ୍ରଷ୍ଟାଙ୍କୁ ଅମର କରିଥାଏ । ଭାଷା ସାହିତ୍ୟ ସମାଜକୁ ବିକାଶଶୀଳ କରିବାରେ ସକ୍ଷମ ହୋଇପାରିବ । ଏକଦା ମହାତ୍ମା ଗାନ୍ଧୀ କହିଥିଲେ, ଗୋଟିଏ ଜାତି ବା ପ୍ରଦେଶକୁ ଜାଣିବାକୁ ହେଲେ ପ୍ରଥମେ ସେ ଅଂଚଳର ଭାଷା ଏବଂ ଭାଷାର ସ୍ରଷ୍ଟାଙ୍କୁ ଜାଣିବା । ସେମାନଙ୍କୁ ସର୍ବାଗ୍ରେ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ ବୋଲି କବି ସ୍ୱର୍ଗତ ସଦାନନ୍ଦ ସାହୁଙ୍କ ପଂଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭାରେ ବକ୍ତାମାନେ କହିଥିଲେ । ଚରମ୍ପା ଆର୍‌ସିବିଏଲ୍ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ କବିଙ୍କ ବାସଭବନରେ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱ ଓ ଚରମ୍ପା ସାହିତ୍ୟ ମଂଚ ସମ୍ପାଦକ ବାବୁଲାଲ ଦାସଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ କବି ସଦାନନ୍ଦ ସାହୁଙ୍କ କବିତାର ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଶିଶୁ କବି ଇଂ ଅଭୟ ସୁତାର, ବରେଣ୍ୟ ବକ୍ତା ଭାବେ ଡ଼. ରାଧାରାଣୀ ମହାପାତ୍ର, ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖୁଲାର, ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଡା ଅନିଲ କୁମାର ଦାଶ କବି ସଦାନନ୍ଦ ସାହୁ ଥିଲେ ବହୁ ପ୍ରତିଭାର ଅଧିକାରୀ ଥିଲେ କହିଥିଲେ ଏହି ଅବସରରେ କବିତା ସଂଯୋଜନା କରିଥିଲେ କବି ବିଜୟ ବହଳି, ନାରାୟଣ ପ୍ରଧାନ, ନାରାୟଣ ଚନ୍ଦ୍ର ପାଢ଼ୀ, କବୟିତ୍ରୀ ମମତା ରାଣୀ ଦାଶ, ଗୀତାଞ୍ଜଳି ଅଗଷ୍ଟି, ମନୋରମା ରାୟ ରମେଶ ଚନ୍ଦ୍ର ସ୍ୱାଇଁ ଓ କବିତା ପାଠ କରିଥିଲେ ରମେଶ ଦାସ, ବିପ୍ଲବ ହୋତା, ଅବନି ପ୍ରଧାନ, ପ୍ରବୋଧ ଅଗଷ୍ଟି । ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ବୈରାଗି ମହାପାତ୍ର, ନାରାୟଣ ବିଶ୍ୱାଳ, ଶଶଧର ଉପାଧ୍ୟାୟ , ରମେଶ ପାଗଳ ଓ ଝିଅ ଚଗଲି ଓ ଟିକନ, ସ୍ୱର୍ଗ ବିଜୟ ଓ ଦେବ ପତ୍ନୀ ଗଙ୍ଗାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କବି ସଦାନନ୍ଦ ସାହୁଥିଲେ ଅମ୍ଳାନ ପ୍ରତିଭା । ପ୍ରକୃତିର ଚିତ୍ରଣ, ପରିବେଶର ଗାଥା, ଦେଶାତ୍ମବୋଧକ ଭାବଧାରା ଏବଂ ଲୋକ ପରମ୍ପରାର ଚିତ୍ରଣ ତାଙ୍କ କବିତାରୁ ବାରିହୋଇ ପଡୁଥିଲା । ୩୦ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତି କରିଥିଲେ । ଏହି ଶେଷରେ ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପିଏମଶ୍ରୀ ବାଳିକା ବିଦ୍ୟାଳୟରେ ପୋଷାକ ବିତରଣ



ବଣାଇଁ, ୦୬।୦୫(ଆ.ପ୍ର) : ବଣାଇ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁ ଯୋଗ ଦେଇ ପୋଷାକ ବିତରଣ କରିଥିଲେ । ଏଥିରେ ଶିଶୁ ବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୪୯ ଜଣ ଛାତ୍ର ଛାତ୍ରୀଙ୍କୁ ପୋଷାକ, ଜୋତା, ମୌଜା, ଟୋପି ଓ ବ୍ୟାଗ ବଂଟନ କରାଯାଇଥିଲା । ଏହି ପୋଷାକ ରାଜା ଟ୍ରେଡ଼ର୍ସଙ୍କ ସହାୟତାରେ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଦାନ କରା ଯାଇଛି । ଏହି ପୋଷାକ ବିତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଉମେଶ ଚନ୍ଦ୍ର ପ୍ରଧାନ, ରକ୍ମୀ ଜିନି ମିଞ୍ଜ, ଶିକ୍ଷୟିତ୍ରୀ ମାନସୀ ପେଣ୍ଟେଇ, କାର୍ଯ୍ୟକାରୀ ସହାୟକ ଭଗବତୀ ପ୍ରଧାନ, ୱାର୍ଡ ମେମ୍ବର ହେମନ୍ତ କୁମାର ମହାକୁଡ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ପୋଷାକ ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଚନ୍ଦ୍ର ଶେଖର ପାତ୍ର ପରିଚାଳନା କରିଥିବା ବେଳେ ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ରହିଥିଲେ ।

ନିମ୍ନମାନର କାର୍ଯ୍ୟ ଅନିୟମିତତା ପାଇଁ ଗ୍ରାମବାସୀଙ୍କ ପ୍ରତିବାଦ ସହିତ କାର୍ଯ୍ୟ ବନ୍ଦ

ବଣାଇଁ, ୦୬।୦୫(ଆ.ପ୍ର) : ବଣାଇଁ, ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ଜଳେଇକଳା ପଂଚାୟତର ବଡପୋଷି ଗ୍ରାମରେ ନିର୍ମାଣାଧୀନ ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହକୁ ନେଇ ଗୁରୁତର ଅନିୟମିତତା ଓ ନିମ୍ନମାନର କାମ ଅଭିଯୋଗ ଉଠିଛି । ଏହାକୁ ନେଇ ଗ୍ରାମର ମହିଳା ଓ ପୁରୁଷ ମାନେ ତୀବ୍ର ପ୍ରତିବାଦ କରି ଆଜି ନିର୍ମାଣ କାମକୁ ବନ୍ଦ କରାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ଆରମ୍ଭରୁ ହିଁ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାମ କରୁଛନ୍ତି, ଯାହା ଫଳରେ ଗୃହର ସ୍ଥାୟୀତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି । ନିର୍ଦ୍ଦିଷ୍ଟ ମାନକ ଅନୁସାରେ ୧୦ ଇଂଚ ଦିଆଯିବାକୁ ଥିବା କାନ୍ଥକୁ କେବଳ ୫ ଇଂଚରେ ପକାଯାଉଥିବା ଅଭିଯୋଗ ହେଉଛି । ସେହିପରି ଛାତ ଢାଳାଇ ସମୟରେ ଆବଶ୍ୟକ ଲୋହା ରଡ୍ ବ୍ୟବହାର ନ କରି କମ ରଡ୍ ଦେଇ କାମ ହେଉଥିବା ଗ୍ରାମବାସୀ ଦେଖାଇଛନ୍ତି । ଅଧିକ ଚିନ୍ତାଜନକ ଭାବେ, ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନଥିବାରୁ ପ୍ରକଳ୍ପର ଖର୍ଚ୍ଚ, ବିଭାଗ ଓ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ତଥ୍ୟ ଅସ୍ପଷ୍ଟ ରହିଛି । ଏହା ମଧ୍ୟ ଅନେକ ସନ୍ଦେହକୁ ଜନ୍ମ ଦେଉଛି । ଏହି ପରିସ୍ଥିତିରେ, ଗ୍ରାମର ସୁଶିଳା କିସାନ, ଦେବରାଜ କିସାନ, ଚମ୍ପାବତୀ କିସାନ, ସୁଷମା କିସାନ ଓ ଦୋଳଗୋବିନ୍ଦ କିସାନ ସହ ଅନ୍ୟାନ୍ୟ ଗ୍ରାମବାସୀ ଦାବି କରିଛନ୍ତି ଯେ, ଯେପର୍ଯ୍ୟନ୍ତ ଜୁନିଅର ଇଞ୍ଜିନିୟର (JE) କିମ୍ବା ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ତଦନ୍ତ ନକରିବା ଯାଏଁ, ସେପର୍ଯ୍ୟନ୍ତ କାମ ବନ୍ଦ ରହିବ । ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନଙ୍କୁ ତତ୍କାଳ ହସ୍ତକ୍ଷେପ କରି ଘଟଣାର ସଠିକ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

ଦଶପଲ୍ଲାରେ ଗଞ୍ଜେଇ ଜବତ, ୧ ଗିରଫ

ଦଶପଲ୍ଲା, ୦୬।୦୫(ଆ.ପ୍ର) : ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ଭୋଗରା ଛକ ନିକଟରେ ଚଢ଼ାଉ କରି ଦଶପଲ୍ଲା ପୋଲିସ ୧୧ କେଜି ୬ ଶହ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି । ଘଟଣାରେ ଦଶପଲ୍ଲା ଥାନା ଅନ୍ତର୍ଗତ ବହ୍ଲକୋଟ ଗ୍ରାମର ଜଗନ୍ନାଥ ସ୍ୱାଇଁଙ୍କ ପୁଅ ଜଳଧର ସ୍ୱାଇଁଙ୍କୁ ଗିରଫ କରାଯିବା ସହିତ ଘଟଣାରେ ବ୍ୟବହୃତ ଏକ ବାଇକ୍ (ନଂ- ଓଡି ୨୫ ଏଚ୍ ୩୧୯୬୮) ଜବତ କରାଯାଇଥିବା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସୂଚନା ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପୋଲିସ ଟିମ୍ ଅତର୍କିତ ଚଢାଉ କରି ଏଭଳି ସଫଳତା ପାଇଛନ୍ତି ।

୧୦୪ ଦିନରେ ୩୨% ଲକ୍ଷ୍ୟ ସାଧନ: ବ୍ରହ୍ମପୁରରେ ବନ୍ଧ୍ୟାକରଣ ଅଭିଯାନ ଆଗୁଆଁ

ବ୍ରହ୍ମପୁର, ୦୬।୦୫(ଆ.ପ୍ର) : ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ସହ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଅଭିଯାନ ଉଲ୍ଲେଖନୀୟ ସଫଳତା ଦିଗରେ ଅଗ୍ରସର ହେଉଛି । ମେୟର ସଂଘମିତ୍ରା ଦଳେଇଙ୍କ ନିର୍ଦ୍ଦେଶନା ଓ ନିରୀକ୍ଷଣରେ ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, କେବଳ ୧୦୪ ଦିନରେ ଚମତ୍କାର ପ୍ରଗତି ସାଧନ କରିଛି । ଏପ୍ରିଲ ଶେଷ ସୁଦ୍ଧା ସହରରେ ମୋଟ ୧୬୯୪ଟି ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ସହ ଟିକାକରଣ କରାଯାଇଥିବା ବେଳେ, ଜାନୁଆରୀରେ ୨୬୭ଟି, ଫେବୃଆରୀରେ ୪୭୦ଟି, ମାର୍ଚ୍ଚରେ ୫୧୪ଟି ଓ ଏପ୍ରିଲରେ ୪୪୩ଟି କୁକୁରଙ୍କ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଛି । ଏଥିରେ ୯୬୯ଟି ପୁରୁଷ ଓ ୭୨୫ଟି ମହିଳା କୁକୁର ଥିବା ତଥ୍ୟ ପ୍ରକାଶ ପାଇଛି । ବନ୍ଧ୍ୟାକରଣ ପରେ ପ୍ରତ୍ୟେକ କୁକୁରଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ସତର୍କ ନିରୀକ୍ଷଣରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସହ, ପରେ ସେମାନଙ୍କୁ ସେମାନଙ୍କ ଆଦି ଅଂଚଳକୁ ପୁନଃ ଛାଡ଼ାଯାଇଛି, ଯାହା ପ୍ରାଣୀ କଲ୍ୟାଣ ନୀତିର ସଠିକ୍ ପାଳନକୁ ପ୍ରକାଶ କରେ । ଅଭିଯାନ ପୂର୍ବରୁ ହୋଇଥିବା ସର୍ଭେ ଅନୁସାରେ ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ରହିଥିବା ଅନୁମାନ ଥିଲା । ସେମାନଙ୍କ ସମ୍ପୂର୍ଣ୍ଣ ବନ୍ଧ୍ୟାକରଣ ପାଇଁ ଏକ ବର୍ଷର ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ, କେବଳ ଚାରି ମାସ ଭିତରେ ପ୍ରାୟ ୩୨ ପ୍ରତିଶତ କାମ ସମ୍ପନ୍ନ ହେବା ଅଭିଯାନର କାର୍ଯ୍ୟକୁଶଳତାକୁ ସ୍ପଷ୍ଟ କରୁଛି । ଏହି ଗତି ଅବ୍ୟାହତ ରହିଲେ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ସାଧନ ସମ୍ଭବ ବୋଲି ସମ୍ପୃକ୍ତ ଅଧିକାରୀମାନେ ଆଶାବାଦୀ । ଏପର୍ଯ୍ୟନ୍ତ ଗର୍ଭବତୀ, ଅସୁସ୍ଥ କିମ୍ବା ନବଜାତ ଛୁଆ ସହିତ ଥିବା କୁକୁରମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦିଆଯାଇଥିବାରୁ, ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଅଭିଯାନରେ ସାମିଲ କରାଯିବାର ଯୋଜନା ରହିଛି । ଏହି ଅଭିଯାନକୁ ସଫଳ କରିବା ପାଇଁ ସହରବାସୀଙ୍କ ସଚେତନ ସହଯୋଗ ଅତ୍ୟାବଶ୍ୟକ ବୋଲି ବିଏମସି କମିଶନର ସୁଶ୍ରୀ ଏସ୍ ଶସ୍ୟ ରେଡ୍ଡୀ ଆହ୍ୱାନ କରିଛନ୍ତି । ସମଗ୍ର ପ୍ରକ୍ରିୟା ସମାପ୍ତି ପରେ ପୁନଃ ସର୍ଭେ କରାଯାଇ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ କରାଯିବ । ଯାଂଚ ସମୟରେ କମିଟିର ଅଧ୍ୟକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଂଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପରେ ଉକ୍ତ ଅଙ୍ଗପ୍ରତ୍ୟଙ୍ଗକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି ।

ଖବରକାଗଜ ବିତରକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ନିମାପଡା, ୦୬।୦୫(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକର ଚାରିଛକ ସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ସ୍ଥାନୀୟ ଅଂଚଳର ଖବର କାଗଜ ବିତରକ ତଥା ବିଶିଷ୍ଟସମାଜସେବୀ ସ୍ୱର୍ଗତ ଭଗବାନ ସାହୁଙ୍କ ୨ୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅବସରରେ ଭଗବାନ ସାହୁ ଚାରୀ ଟେବୁଲ୍ ଟ୍ରଷ୍ଟ ତରଫରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ଡ.କେଦାରନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଆଇ ଆର୍ ଏସ ଚନ୍ଦ୍ରକାନ୍ତ ଦଳାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ନିରୋଦ ବରଣ ଖୁଂଟିଆ, ସମାଜସେବୀ ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ପୁରୀ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ନାୟକ,ବସନ୍ତ କୁମାର ପାତ୍ର,ବନ ବିହାରୀ ଦାଶ, ଅଧୀନ ପାତ୍ର, ଅର୍ଜୁନ ପାତ୍ର, ଅରକ୍ଷିତ ଭୋଇ, କାହ୍ନୁ ଚରଣ ବେହେରା, ଜୟନ୍ତ କୁମାର ସେଠୀ, ଶିକ୍ଷକ ନେତ୍ରାନନ୍ଦ ବାରିକ, ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ପଣ୍ଡିତ ମୁରଲୀଧର ଭାରତୀ, ପ୍ରବୀର କୁମାର ଦାଶ, କଳ୍ପନା ଦାସ, ମନସ୍ୱିନୀ ଲେଙ୍କା, ରାମଚନ୍ଦ୍ର ଜେନା, ଶ୍ରୀଧର ଜେନା, ନନ୍ଦ ବାବା, ସାମ୍ବାଦିକ ସନ୍ତୋଷ ଦାସ, ବସନ୍ତ ଦାସ, ସୌମ୍ୟ ରଞ୍ଜନ ତ୍ରିପାଠୀ, ସୁବାସ ସାହୁ, ଶଶିକାନ୍ତ ତ୍ରିପାଠୀ, ଦେବାଶିଷ ନାୟକ, ବସନ୍ତ ମଲ୍ଲ, ପ୍ରଶାନ୍ତ ସାହୁ, ବିଜୟ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଭଗବାନ ସାହୁଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ସାହୁ ଥିଲେ ଗରିବ ଲୋକଙ୍କ ଦରଦୀ ବନ୍ଧୁ, ସେ ଦୀର୍ଘ ୫୦ ବର୍ଷ ଧରି ବିଭିନ୍ନ ଖବର କାଗଜ ନିଜେ ସାଇକେଲରେ ଘର ଘର ବୁଲି ସଠିକ୍ ସମୟରେ ଲୋକମାନଙ୍କ ନିକଟରେ ଖବର କାଗଜ ପହଂଚାଇ ଥିଲେ । ସେ ଜଣେ ସ୍ପଷ୍ଟବାଦୀ, ନିଷ୍ଠାପର, ନିର୍ଭିକ, ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତିଥିଲେ । ଏହି ଅବସରରେ ଚାରିଛକ ଅଂଚଳର ସାମ୍ବାଦିକ ଓ ବିତରକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ ସ୍ମୃତିଚାରଣ ସଭାକୁ ପରିଚାଳନା କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA

ଗୁରୁବାର, ୭ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବାଲୁଗାଁରେ ଏନସିସି ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଚିଲିକା/ବାଣପୁର, ୦୬/୦୫(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟର ଆସୋସିଏଟ ଏନସିସି ଅଫିସର ଅଧ୍ୟାପକ ଚନ୍ଦନ କୁମାର ନାଏକଙ୍କୁ ମହାବିଦ୍ୟାଳୟର ଏନସିସି ଶାଖା ଓ ଶିକ୍ଷକ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ନିକଟରେ ନାଗପୁରସ୍ଥିତ ରାଷ୍ଟ୍ରୀୟ ଏନସିସି ଅଫିସର୍ସ ତାଲିମ କେନ୍ଦ୍ରରେ ତିନିମାସିଆ ଅଧିକାରୀ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ଶେଷ କରିଥିବାରୁ ଅର୍ଥନୀତି ବିଭାଗ ଅଧ୍ୟାପକ ଚନ୍ଦନ ନାଏକଙ୍କ ସମ୍ମାନାର୍ଥେ ମହାବିଦ୍ୟାଳୟ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଝରଣା ନାଥ ଯୋଗଦେଇ ଅଧ୍ୟାପକ ନାଏକଙ୍କ ତାଲିମ ଏନସିସିର କାର୍ଯ୍ୟ ଦକ୍ଷତା ଓ ଗୌରବ ବୃଦ୍ଧିକରିବାରେ ସହାୟକ ହେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ସହଯୋଗୀ ଏନସିସି ଅଧିକାରୀ ଚନ୍ଦନ ନାୟକଙ୍କୁ ଏନସିସି ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଏନସିସି କ୍ୟାଡେଟ ମାନେ ଅଧ୍ୟାପକ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁରୂପ ଭାବେ ଶିକ୍ଷକ ସଙ୍ଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷଙ୍କ ସମେତ ଶିକ୍ଷକ ସଙ୍ଘ ସଭାପତି ଡକ୍ଟର ମୋନାଲିସା ମାନସିଂହ ଓ ସମ୍ପାଦକ ଅଧ୍ୟାପକ ବିଦ୍ୟାଧର ଭୁଝାରସିଂହ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଧନ୍ୟବାଦ ପ୍ରଦାନ କରିଥିଲେ ଏନସିସି କ୍ୟାଡେଟ ଅନିଶା ବେହେରା ।

ବିରଜା ପ୍ରକଳ୍ପର ଭବିଷ୍ୟତ ନେଇ ଅନିଶ୍ଚିତତା

ଯାଜପୁର, ୦୬/୦୫(ଆ.ପ୍ର) : ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ବିରଜାଙ୍କ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଧିରେଧିରେ ଅନିଶ୍ଚିତତା ଭିତରେ ରହିଯାଇଛି । ପୂର୍ବ ସରକାରଙ୍କ ସମୟରେ ୨୦୨୦ ମସିହାରେ ବିରଜା ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ପରେ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ପାଇଁ ସେବାୟତମାନେ ଦାବି କରିବାରୁ ପୁଣି ୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ୨୦୨୧ ମସିହାରେ ପ୍ରକଳ୍ପ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସେବାୟତ ମାନଙ୍କ ଦାବୀ ମୁତାବକ ସରକାର ପୁଣି ଥରେ ୧୫ କୋଟି ଟଙ୍କା ପ୍ରଦାନ କରିଥିଲେ । ଯାହା ଦ୍ୱାରା ମନ୍ଦିରର ବିଭିନ୍ନ ପ୍ରକଳ୍ପ ଗୁଡିକ ଶେଷ ହୋଇପାରିବ ।

୨୦୨୪ ମସିହା ଠାରୁ ବିରଜା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଏକରକମର ଠପ୍ ହୋଇଯାଇଛି । ଭକ୍ତଙ୍କ ସୁବିଧା ପାଇଁ ପୂର୍ବ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ନେଇଥିଲେ । ଶୃଙ୍ଖଳା ଦର୍ଶନ,ଭୋଗ ମଣ୍ଡପ, ଶୌଚାଳୟ, ଗାଡି ପାର୍କିଂ ଏଥିନିମନ୍ତେ ଏକ ବ୍ଲୁ ପ୍ରିଂଟ ପ୍ରସ୍ତୁତ ହୋଇଥିଲା । ମନ୍ଦିର ଭିତରେ କାର୍ଯ୍ୟ ହେବା ପାଇଁ ଗଛଗୁଡ଼ିକ କଟାଯାଇଥିବା ବେଳେ, ଭୋଗ ଦୋକାନ, ମୁକ୍ତିମଣ୍ଡପ, ଆନନ୍ଦ ବଜାର ର କାର୍ଯ୍ୟ କରାଯାଇଥିଲା । ମନ୍ଦିର ମଧ୍ୟରେ ଥିବା ବଗଳାମୁଖୀ ମନ୍ଦିର, ବଗଳାମୁଖୀ ରୋଷେଇଶାଳ, ପୋଲିସ ଫାଣ୍ଡି, ମନ୍ଦିର କାର୍ଯ୍ୟ, ପାନୀୟଜଳ ପ୍ରକଳ୍ପ ରେ ଖର୍ଚ୍ଚ କରାଯାଇଥିଲା । କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ୨୦୨୫ ମସିହା ଠାରୁ ବିରଜା ପ୍ରକଳ୍ପ କାର୍ଯ୍ୟ ଏକରକମର ଠପ୍ ହୋଇଯାଇଛି । ବିରଜା ମନ୍ଦିର କୁ ଅଧିକ ଶୋଭା ମଣ୍ଡନ କରିବା ପାଇଁ ଯେଉଁ ସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲା ତାହା ଏବେ ଚିରନିଦ୍ରା ରେ ପଡ଼ିରହିଛି । ଅନେକ କାର୍ଯ୍ୟ ବାକି ଥିବା ବେଳେ ସେବାୟତ ମାନଙ୍କ ଦାବୀ ରେ ୨୦୨୨ ମସିହାରେ ପୂର୍ବ ସରକାର ଆଉ ୧୫ କୋଟି ଟଙ୍କା ପ୍ରଦାନ କରିଥିଲେ । ଦ୍ରୁତ ଗତି ରେ କାର୍ଯ୍ୟରତ ହେଉଥିବା ବିରଜା ପ୍ରକଳ୍ପ ୨୦୨୫ ମସିହା ଠାରୁ ବନ୍ଦ ହୋଇଯାଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଯାଜପୁର ସହର ର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବି ଏବଂ ବିରଜା ମନ୍ଦିର ର ସେବାୟତ ମାନେ ଦାବି କରିଛନ୍ତି ।

ସତ୍ୟରୂପା ଯୋଶୀଙ୍କୁ ଭବ୍ୟ ବିଦାୟ: ବୃକ୍ଷ ଉପହାର ଦେଇ ପରିବେଶ ସଚେତନତାର ବାର୍ତ୍ତା

ସିନାପାଲି, ୦୬/୦୫(ଆ.ପ୍ର) : ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟରୂପା ଯୋଶୀ ନିଜ କର୍ମମୟ ଜୀବନରୁ ନିକଟରେ ଅବସର ଗ୍ରହଣ କରିଥିବା ପରିପ୍ରେକ୍ଷିତରେ ସିନାପାଲି ବ୍ଲକ ପ୍ରାଥମିକ ଶିକ୍ଷୟିତ୍ରୀ ସଙ୍ଘ ତରଫରୁ ତାଙ୍କୁ ଏକ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଥିଲା । ସ୍ଥାନୀୟ ମେହେରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ଅସ୍ମିତା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କଲ୍ୟାଣୀ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ସତ୍ୟରୂପା ଯୋଶୀ, ମୁଖ୍ୟବକ୍ତା ଭାବେ ଗିତାଞ୍ଜଳୀ ଚାନ୍ଦ ଓ ସମ୍ମାନିତ ଅତିଥି ଭାବେ ନୀଳିମା ସୁପକାର ଏବଂ କିଶୋରୀ ବେହେରା ଉପସ୍ଥିତ ଥିଲେ । ସଭାରେ ବକ୍ତାମାନେ ସତ୍ୟରୂପା ଯୋଶୀଙ୍କ ଶିକ୍ଷା କ୍ଷେତ୍ରରେ ଅପାର ଅବଦାନ, ସମର୍ପଣ ଓ ତ୍ୟାଗମୟ ଜୀବନକୁ ସ୍ମରଣ କରିଥିଲେ । ପ୍ରାରମ୍ଭରେ ରଶ୍ମୀପ୍ରଭା ମେହେର ଅତିଥି ପରିଚୟ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରେ ବୈଶାଳୀ ସେଠି, ପଙ୍କଜିନୀ ତାଣ୍ଡି ଓ ଅନ୍ନପୂର୍ଣ୍ଣା ମେହେରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ ହୋଇଥିଲା । ଏହି ଅବସରରେ କବି ଲକ୍ଷ୍ମୀକାନ୍ତି ମହାନନ୍ଦ ସତ୍ୟରୂପା ଯୋଶୀଙ୍କ ଜୀବନୀ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ । ପରେ ବିଭିନ୍ନ ଉପହାର, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ସନ୍ତୋଷିନୀ ମେହେର ମାନପତ୍ର ପାଠ କରିଥିଲେ । ବିଶେଷ କରି ଏହି ସମାରୋହରେ ବୃକ୍ଷ ଚାରା ଉପହାର ଦେଇ ପରିବେଶ ସୁରକ୍ଷା ଓ ସଚେତନତାର ବାର୍ତ୍ତା ସମାଜକୁ ପ୍ରଦାନ କରାଯାଇଥିଲା । ଶେଷରେ ଝରଣା ସାଗର ଦୁରିଆ ଧନ୍ୟବାଦ ଜ୍ଞାପନ କରିଥିଲେ । ସଭା ପରେ ଶଙ୍ଖ, ଘଂଟ ଓ ହୁଳହୁଳି ଧ୍ୱନିରେ ଗାଁ ପରିକ୍ରମା କରି ବିଦାୟୀ ଶିକ୍ଷୟିତ୍ରୀଙ୍କୁ ତାଙ୍କ ବାସଭବନକୁ ନେଇଯାଇଥିଲା । ନୂଆପଡା ଜିଲ୍ଲାରେ ପ୍ରଥମ ଥର ପାଇଁ ପ୍ରାଥମିକ ଶିକ୍ଷୟିତ୍ରୀମାନଙ୍କ ତରଫରୁ ଆୟୋଜିତ ଏଭଳି ଭବ୍ୟ ବିଦାୟ ସମାରୋହକୁ ସାଧାରଣରେ ବ୍ୟାପକ ପ୍ରଶଂସା ମିଳିଛି । କାର୍ଯ୍ୟକ୍ରମର ସଫଳତାରେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

ଦଶପଲ୍ଲା ବିଜେପି ସରିଗଣ୍ଡା ମଣ୍ଡଳ ପକ୍ଷରୁ ବିଶାଳ ମହିଳା ସମାବେଶ

ଦଶପଲ୍ଲା, ୦୬/୦୫(ଆ.ପ୍ର) : ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ଅନ୍ୟାୟ, ଅତ୍ୟାଚାର ଏବଂ କେନ୍ଦ୍ର ସରକାରଙ୍କ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' (ମହିଳା ସଂରକ୍ଷଣ ବିଲ୍)କୁ ବିରୋଧୀ ଦଳର ବିରୋଧକୁ ଅଟକାଇବା ପ୍ରତିବାଦରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସରିଗଣ୍ଡା ମଣ୍ଡଳ ପକ୍ଷରୁ ଏକ ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ସରିଗଣ୍ଡା ମଣ୍ଡଳ ସଭାପତି ମାନସ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହିତ ବିଜେପି ନେତା ରାଘବ ମଲ୍ଲିକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ସରିଗଣ୍ଡା ମଣ୍ଡଳରୁ ଶହ ଶହ ମହିଳା ସାମିଲ ହୋଇ ନିଜର ଆକ୍ରୋଶ ପ୍ରକାଶ କରିଥିଲେ । ମହିଳାମାନେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ନାରୀ ନିର୍ଯାତନା ବଢୁଥିବା ଅଭିଯୋଗ କରି ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଏହି ଲଢ଼େଇ ଜାରି ରହିବ ବୋଲି ନାରୀନେତ୍ରୀ ମାନେ ମତ ପ୍ରକାଶ କରିଥିଲେ । ଆଗାମୀ ନିର୍ବାଚନରେ ମହିଳା ବିରୋଧୀ ଶକ୍ତିଙ୍କୁ ଉଚିତ ଜବାବ ଦେବା ପାଇଁ ରାଘବ ମଲ୍ଲିକ ଉପସ୍ଥିତ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସମାବେଶ ଦଶପଲ୍ଲା ଅଂଚଳରେ ବିଜେପିର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିବା ସହ ସ୍ଥାନୀୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।

ମହା ଆଡମ୍ବରରେ ମହାବୀର ହନୁମାନଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ

ଧାମନଗର, ୦୬/୦୫(ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଂଚାୟତ ଅଧିନସ୍ଥ ରାଧାବଲ୍ଲଭପୁର ଗ୍ରାମରେ ବୁଧବାର ମହାବୀର ହନୁମାନ ନୂତନ ମନ୍ଦିର ସହ ବିଗ୍ରହ ପ୍ରାଣପ୍ରତିଷ୍ଠା ଉତ୍ସବ ମହା ଆଡମ୍ବରରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମ ଠାରୁ ସ୍ଥାନୀୟ ଅଂଚଳ ପୁରା ଧାର୍ମିକ ଉତ୍ସାହରେ ମହିମାମୟ ହୋଇଯାଇଥିଲା । ଏହି ପବିତ୍ର ଦିବସରେ ୩ଜଣ ବ୍ରାହ୍ମଣଙ୍କ ଦ୍ୱାରା ବୈଦିକ ମନ୍ତ୍ରୋଚ୍ଚାରଣ ସହ ମଙ୍ଗଳମୟ ପୂଜାର୍ଚ୍ଚନା ଓ ଯଜ୍ଞାନୁଷ୍ଠାନ ଶାସ୍ତ୍ରୋକ୍ତ ଭାବେ ସମ୍ପନ୍ନ ହୋଇଥିଲା । ମନ୍ତ୍ରଧ୍ୱନି ଓ ଘଂଟନାଦରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ମାହୋଲରେ ମଗ୍ନ ହୋଇପଡ଼ିଥିଲା । ଉତ୍ସବର କର୍ତ୍ତା ଭାବେ ଚନ୍ଦ୍ରମଣି ସାହୁ ଓ ତାଙ୍କ ସ୍ତ୍ରୀ ଅହଲ୍ୟା ସାହୁ ନିଷ୍ଠାର ସହିତ ସମସ୍ତ କାର୍ଯ୍ୟ ସମ୍ପାଦିଥିଲେ । ସେମାନଙ୍କର ପ୍ରୟାସ ଓ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ରକ୍ଷା କରି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଆଖପାଖ ଅଂଚଳରୁ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଯୋଗଦେଇ ମହାବୀର ହନୁମାନଙ୍କ ଆଶୀର୍ବାଦ ଲାଭ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ଧାର୍ମିକ କାର୍ଯ୍ୟକ୍ରମରେ ଭଦ୍ରକ ଜୋନର ଜିଲ୍ଲା ପରିଷଦ ସଭ୍ୟା,ସ୍ଥାନୀୟ ସରପଂଚ,ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।

ଗୋ ମାଂସ କାଟିବା ଅଭିଯୋଗରେ ଆତ୍ମଘୋଷିତ ଗୋ-ରକ୍ଷକ ବଜରଙ୍ଗ ଦଳର ଉତ୍ପାତ

ଭୀମ ଆର୍ମୀର ହସ୍ତକ୍ଷେପ ପରେ ପୋଲିସ ସକ୍ରିୟ, ଉତ୍ପାତିଆଙ୍କୁ ଗିରଫ କରିବାରେ ପୋଲିସର ଟାଳଟୁଳ ନୀତି

ଭବାନୀପାଟଣା, ୦୬/୦୫(ଆ.ପ୍ର) : ରାଜ୍ୟରେ ଦିନକୁ ଦିନ ବଜରଙ୍ଗ ଦଳ ନାମରେ କେତେକ ଆତ୍ମଘୋଷିତ ଯୁବକ ଏକତ୍ରୀତ ହୋଇ ଉପଦ୍ରବ କରୁଥିବା ବୃଦ୍ଧି ପାଉବାରେ ଲାଗିଛି । ଏଭଳି ଅସାମାଜିକ ଗୋଷ୍ଠୀଙ୍କ ସଂଖ୍ୟା ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦେଖିବାକୁ ମିଳେ । ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ଏଭଳି ଆତ୍ମଘୋଷିତ ବଜରଙ୍ଗ ଦଳ ବୋଲି ନିଜକୁ ଦାବି କରି ଆତଙ୍କ ଖେଳାଉଛନ୍ତି । ନିକଟରେ ଭବାନିପାଟଣା ସଦର ବ୍ଲକ ଅନ୍ତର୍ଗତ ଶଗଡା ପଂଚାୟତର ଏକ ଗ୍ରାମର ଜଣେ ବ୍ୟକ୍ତି ସହରକୁ ଗୋମାଂସ ଚାଲାଣ କରୁଥିବା ଅଭିଯୋଗ କରି ଏହି ଗୋଷ୍ଠୀର ଲୋକ ତା ଉପରେ ଆକ୍ରମଣ କରି ମାଡମାରି ଗୋବର ପାଣି ଢାଳି ଥିଲେ । ଏବେ ଜିଲ୍ଲାର ଜୟପାଟଣା ବ୍ଲକର ମୁଖିଗୁଡା ପଂଚାୟତ ଡାକଗୁଡ ଗ୍ରାମଠାରେ ମଧ୍ୟ ଏଭଳି ଘଟଣା ଘଟି ଯାଇଥିବା ସାମ୍ନାକୁ ଆସିଛି । ଜଣେ ଦଳିତ ବ୍ୟକ୍ତି ଗତ ତା ୦୧/୦୫/୨୦୨୬ ରିଖ ଦିନ ଅପରାହ୍ନ ପ୍ରାୟ ସାଢେ ଚାରିଟା ବେଳେ ନିଜ ପାରମ୍ପରିକ ବାଦ୍ୟଯନ୍ତ୍ର (ନିଶାନ) ତିଆରି ପାଇଁ ମୃତ ଗାଈର ଚମଡା ଉତାରି ମାଂସ କାଟୁଥିବାର କେହି ଜଣେ ଦେଖିବାକୁ ପାଇଥିଲେ । ଏହି ଖବର ଅଂଚଳର ତଥାକଥିତ ବଜରଙ୍ଗ ଦଳ ସଂଗଠନର ଦେବୀ ପ୍ରସାଦ ବୈଠାରୁ, ଦୀପକ ବୈଠାରୁ, ରାକେଶ ସାହୁ, ଆକାଶ ପଟ୍ଟନାୟକ ଓ ଲକ୍ଷନ ରଣା ପ୍ରମୁଖ ଅସାମାଜିକ ଯୁବକ ସେଠାରେ ପହଂଚି ଯାଇଥିଲେ । ସେମାନେ ହାତରେ ଠେଙ୍ଗା ବାଡି ଖଣ୍ଡା ଧରି ଘଟଣାସ୍ଥଳରେ ପହଂଚି ସମ୍ପୃକ୍ତ ବ୍ୟକ୍ତି ଉପରେ ସାମୁହିକ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ । ପ୍ରବଳ ମାଡ ମାରିବା ସହ ଭିଡିଓ ରେକର୍ଡିଙ୍ଗ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ । ବ୍ୟକ୍ତି ଜଣକ ଭୟଭୀତ ହୋଇ ନୀରବ ରହିଥିଲେ । ଅଂଚଳରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ଓ ସମ୍ବିଧାନ ତଥା ଅଧିକାର ପାଇଁ ଜନ ସଚେତନତା ସୃଷ୍ଟିକରି ଆସୁଥିବା ଭୀମ ଆର୍ମୀ ଭାରତ ଏକତା ମିଶନ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଂଚି ଥିଲା । ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ଜଗଜୀବନ କୁମାର, ସଂଗଠନର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ସୁନା, ସମାଜସେବୀ ପ୍ରବୀଣ କୁମାର ମହାନନ୍ଦ ଯାଇ ସମସ୍ତ ତଥ୍ୟ ଜାଣିବାକୁ ପାଇଥିଲେ । ଘଟଣା ସମ୍ପର୍କରେ ପିଡୀତ ମାନେ ପୋଲିସ ଠାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଥିଲେ । ଭୀମ ଆର୍ମୀର ହସ୍ତକ୍ଷେପ ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା BNS ଅନୁଯାୟୀ ୧୯୧(୩), ୨୯୬, ୧୧୫(୨), ୩୦୪ (୨), ୩୫୧ (୩), ୩(୧)(r), ୩(୧)(s) ଓ ୩(୨)(va) ଧାରାରେ ମାମଲା ରୁଜୁ କରି ପିଡ଼ୀତ ମାନଙ୍କର ଡାକ୍ତରୀ ମାଇନା ପାଇଁ ପଠାଇଥିଲେ । ଏହି ତଥାକଥିତ ଗୋରକ୍ଷକ ମାନଙ୍କ ପ୍ରବଳ ମାଡରେ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭବାନିପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ କ୍ରମେ ଜିଲ୍ଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସିତ ହୋଇଥିଲେ । ପ୍ରବଳ ମାଡ ଯୋଗୁଁ ପିଡୀତ ମାନଙ୍କ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଆଘାତ ପ୍ରାପ୍ତ ହୋଇଥିବା ଜଣାପଡିଛି । ଘଟଣାଟି ଅତି ସମ୍ବେଦନଶୀଳ ହୋଇ ପଡିଥିବା ଜାଣି ଧର୍ମଗଡ ଏସଡିପିଓ ଆସି ଭୀମ ଆର୍ମୀ ସଂଗଠନର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । କିନ୍ତୁ ଏଯାଏଁ ପୋଲିସର ନିଷ୍କ୍ରିୟତା ଯୋଗୁଁ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ । ଭୀମ ଆର୍ମୀ ସଂଗଠନର ସଦସ୍ୟମାନେ ପୋଲିସ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି । ଅନ୍ୟଥା ଆନ୍ଦୋଳନର ପନ୍ଥା ଆପଣେଇବ ବୋଲି ସତର୍କ କରିଛି । ଏଠାରେ ସୂଚନାଯୋଗ୍ୟ ଯେ, ଏଭଳି କୌଣସି ଘଟଣା ବେଳେ ଦୋଷୀଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେବା ପରିବର୍ତ୍ତେ ନିଜେ ଆଇନକୁ ହାତକୁ ନେଇ ତାଙ୍କ ପ୍ରତି ଅମାନୁଷିକ ଓ ବର୍ବୋରଚିତ ଆକ୍ରମଣ କରିବା କିଭଳି ଯଥାର୍ଥ ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରେ । ଯଦି ଲୋକଙ୍କ ମନରେ ଏଭଳି ମାନସିକତା ବୃଦ୍ଧିପାଏ, ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ତୁଟିଯିବ ଏଥିରେ ସନ୍ଦେହ ନାହିଁ ।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିର

ନିମାପଡା, ୦୬/୦୫(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରାୟୋଜିତ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିପର୍ଯୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରର ଶୁଭ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ଅଶୋକ କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବରେ ଏହାର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡଃ ଗୋଲକ ବିହାରୀ ପଲେଇ, ଭୁବନେଶ୍ୱର ସ୍ଥିତ ଓୟୁଏଟିର ଇଟିଆଇ ପ୍ରଶିକ୍ଷକ ନିରୋଦ ବରଣ ଖୁଂଟିଆ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରାକ୍ତନ ସଂଯୋଜକ ଡ଼ଃ ସୁଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଉପରେ ଦିଗଦର୍ଶନ ପ୍ରଦାନ କରିବା ସହ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ଜାତୀୟ ସେବା ଯୋଜନା ମାଧ୍ୟମରେ ଭଲ ମଣିଷ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ଅଧ୍ୟାପକ ଜୀବନ ଦାଶ ଏହି ଉଦଘାଟନ ସମାରୋହ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଭିକାରି ଚରଣ ସାହୁ, ନୃସିଂହ ମହାପାତ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଏହି ଶିବିର ତିନି ଦିନ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଦୁଇ ଶହ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ କାନନବାଳା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉଦଘାଟନ ସମାରୋହରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

ବିବାହ ଭୋଜିକୁ ଯିବାବେଳେ ବାଇକ୍ ମୁହାଁମୁହିଁରେ ଜଣେ ନିହତ ଓ ୬ ଆହତ

ପାରଳାଖେମୁଣ୍ଡି, ୦୬/୦୫(ଆ.ପ୍ର) : ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ କୃଷି ଉଦ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ୨ ମୋଟରସାଇକେଲ ମୁହାଁମୁହିଁ ହେବା ଫଳରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି ଓ ୬ ଜଣ ଆହତ ହୋଇଛନ୍ତି ।ଘଟଣାରୁ ପ୍ରକାଶ ପାତ୍ରବସା ଗ୍ରାମର ଲୁନେସ ଶବର ନିଜର ଶିଶୁକନ୍ୟା ସହ ୩ ଜଣ ଦଶିରାମପୁର ଗ୍ରାମରେ ବିବାହ ଭୋଜି ଖାଇ ନିଜ ବାଇକ ଏଚଏଫ ଡିଲକ୍ସ (ଓଡି୨୦ବି୫୩୩୩)ରେ ଭୋଜି ଖାଇ ଫେରୁଥିବାବେଳେ ବିପରୀତ ଦିଗରୁ ଖାରିପଦା ଗ୍ରାମର ୩ ଜଣ ଯୁବକ ସେହି ଗ୍ରାମକୁ ଏଚଏଫ ଡିଲକ୍ସ(ଓଡି୦୭ଏଚ୦୫୯୫)ରେ ସେହି ଗ୍ରାମକୁ ଭୋଜି ଖାଇବାକୁ ଯାଉଥିଲେ । ଫଳରେ ଘଟଣାସ୍ଥଳରେ ଲୁନେସ ଶବରଙ୍କର (୨୨) ବିୟୋଗ ଘଟିଥିଲା । ଅନ୍ୟମାନଙ୍କ ମଧ୍ୟରେ ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ପାତ୍ରବସା ଗ୍ରାମର ସୂର୍ଯ୍ୟବତୀ ଶବର(୧୮), ରୁକଣୀ ଶବର(୫), ସରସ୍ୱତୀ ଶବର (୧୬), ଅଡାବସିଙ୍ଗ ପଂଚାୟତର ଖାରିପଦା ଗ୍ରାମର ଶତ୍ରୁଘ୍ନ ରଇତ, ଶିବରାମ ରଇତ ଓ ଗଣପତି ରଇତ । ଆହତ ବ୍ୟକ୍ତିମାନଙ୍କର ରାମଗିରି ହସପିଟାଲରେ ପ୍ରାଥମିକ ଚିକିତ୍ସାପରେ ଗୁରୁତର ହେବାରୁ ସମସ୍ତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି, କହିଛନ୍ତି ଚିକିତ୍ସା କରୁଥିବା ଡ. ସୁବ୍ରତ କୁମାର ସାହୁ । ରାମଗିରି ଥାନାରେ ମାମଲା (୩୨/୨୬)ରୁଜୁ କରାଯାଇଛି । ମୃତବ୍ୟକ୍ତିଙ୍କର ଶବକୁ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯିବ,କହିଛନ୍ତି ଥାନା ଅଧିକାରୀ ଡି.ଗଜପତି ଦୋରା ।

ଡିଜିଟାଲ ଇଣ୍ଡିଆ ନାରା ପ୍ରହସନ: ନେଟୱର୍କ ପାଇଁ ଗଛ ଉପରେ ମଂଚା ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି କୋମଳମତି ଶିଶୁ

କଳାହାଣ୍ଡି, ୦୬/୦୫(ଆ.ପ୍ର) : ସମଗ୍ର ଦେଶରେ ଡିଜିଟାଲ ବିପ୍ଳବ ଓ ୫-ଜି ସେବାର ଜୟଗାନ କରାଯାଉଥିବା ବେଳେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରୁ ଆସିଛି ଏକ ଦୁଃଖଦ ତଥା ଚିନ୍ତାଜନକ ଚିତ୍ର । ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ ତଳନାଗି ପଂଚାୟତର ମୁର୍କା ଓ ତଳନାଗି ଗ୍ରାମରେ 'ଡିଜିଟାଲ ଇଣ୍ଡିଆ'ର ନାରା କେବଳ ଏକ ସ୍ଲୋଗାନରେ ସୀମିତ ରହିଯାଇଛି । ଏଠାରେ ମୋବାଇଲ ନେଟୱର୍କ ପାଇବା ସାତସପନ ପାଲଟିଥିବା ବେଳେ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ନେଟୱର୍କ ପାଇଁ ଗଛ ଉପରେ ମଂଚା କରି ଘଂଟା ଘଂଟା ଧରି ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଏହି ଅଂଚଳରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବସବାସ କରୁଥିଲେ ହେଁ ଆଜି ପର୍ଯ୍ୟନ୍ତ କୌଣସି ମୋବାଇଲ ସେବା ଉପଲବ୍ଧ ହୋଇନାହିଁ । ବିଶେଷ କରି କୋମଳମତି ଶିଶୁମାନେ ପାଠ ପଢିବା ପାଇଁ ବିପଦସଙ୍କୁଳ ଅବସ୍ଥାରେ ପାହାଡ଼ କିମ୍ବା ଗଛ ଉପରେ ଚଢ଼ି ମଂଚା ବାନ୍ଧୁଛନ୍ତି । ଖରା ଦିନେ ଯେନତେନ ପ୍ରକାରେ ପାଠପଢ଼ା ଚାଲୁଥିବା ବେଳେ ବର୍ଷା ଓ ଶୀତ ଦିନେ ଏହା ଅତି କଷ୍ଟକର ହୋଇପଡୁଛି । ଗ୍ରାମବାସୀମାନେ ମଧ୍ୟ କୌଣସି ଜରୁରୀ ସୂଚନା ଦେବା ପାଇଁ ବା କଥା ହେବା ପାଇଁ ଗଛରେ ମୋବାଇଲ ଝୁଲାଇ ନେଟୱର୍କକୁ ଚାହିଁ ରହୁଛନ୍ତି । ନେଟୱର୍କ ଅଭାବରୁ ଗ୍ରାମବାସୀମାନେ ୧୦୮ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ କିମ୍ବା ପୋଲିସ ସହାୟତା ପାଇବାରୁ ବଂଚିତ ହେଉଛନ୍ତି । ଜରୁରୀକାଳୀନ ଚିକିତ୍ସା ସମୟରେ ଯୋଗାଯୋଗ ହୋଇପାରୁ ନଥିବାରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ଗ୍ରାମବାସୀ ଦିନମଜୁରିଆ ହୋଇଥିବାରୁ ସେମାନେ ନିଜର ଅସୁବିଧା ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅସମର୍ଥ ହେଉଛନ୍ତି । ଆଧୁନିକ ଯୁଗରେ ମୋବାଇଲ ସେବା ଏକ ମୌଳିକ ଆବଶ୍ୟକତା ପାଲଟିଥିବା ବେଳେ ମୁର୍କା ଓ ତଳନାଗି ଗ୍ରାମବାସୀ ଏଥିରୁ ବଂଚିତ ହେବା ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜଙ୍ଗଲ ଓ ପାହାଡ଼ ଘେରା ଏହି ଦୁର୍ଗମ ଅଂଚଳରେ ତୁରନ୍ତ ମୋବାଇଲ ଟାୱାର ସ୍ଥାପନ କରି ସେବା ଯୋଗାଇ ଦେବାକୁ ଅଂଚଳବାସୀ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ବିନିତ ଅନୁରୋଧ କରିଛନ୍ତି ।

ଶୀତଳ
ଆରମ୍ଭ
SEITHO ARAMBHA
ଗୁରୁବାର, ୭ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଫାଇନାଲ୍:ବଙ୍ଗାଲୁରୁ ବଦଳରେ ଅହମଦାବାଦ

ମୁମ୍ବାଇ,୦୬/୦୫ (ନ୍ୟୁଏ):ପରମ୍ପରା ବିରୋଧୀ ନିଷ୍ପତ୍ତି ସହିତ ବିସିସିଆଇ ଚଳିତ ବର୍ଷର ଆଇପିଏଲ୍ ଫାଇନାଲକୁ ବେଙ୍ଗାଲୁରୁ ବଦଳରେ ଅହମଦାବାଦରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ସ୍ଥାନୀୟ ସଂସ୍ଥ କେଏସ୍‌ସିଏ (କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ)ଠାରୁ ଆବଶ୍ୟକ କେତେକ ଲଜିଷ୍ଟିକ୍ ପ୍ରତିବନ୍ଧକ କାରଣରୁ ଏଭଳି ନିଷ୍ପତ୍ତି ନେଇଛି ବିସିସିଆଇ । ଏଥି ସହିତ ଗତ ୫ ବର୍ଷ ଭିତରେ ଚତୁର୍ଥ ଥର ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ଆଇପିଏଲ୍ ଫାଇନାଲ୍ ଖେଳାଯିବ ।ଆଇପିଏଲ୍‌ର ସ୍ଥାୟୀ ନିୟମାବଳୀ ଅନୁସାରେ ପ୍ରତିବର୍ଷର ଫାଇନାଲ୍ ମ୍ୟାଚ୍ ପୂର୍ବ ବିଜେତାର ଘରୋଇ ପଡ଼ିଆରେ ଖେଳାଯାଇଥାଏ । ସେହି ଦୃଷ୍ଟିରୁ ଗତ ବିଜେତା ଆରସିବିର ଘରୋଇ ପଡ଼ିଆ ବେଙ୍ଗାଲୁରୁର ଏମ୍ ଚିନ୍ନସ୍ୱାମୀ ଷ୍ଟାଡିୟମ୍‌ରେ ଚଳିତ ବର୍ଷର ଫାଇନାଲ୍ ମ୍ୟାଚ୍ ଖେଳାଯିବା କଥା । ତେବେ କର୍ଣ୍ଣାଟକ ଲୋକପ୍ରତିନିଧିଙ୍କୁ ଟିକେଟ୍ ବଣ୍ଟନକୁ ନେଇ ବିବାଦୀୟ ପରିସ୍ଥିତି ଦେଖା ଦେବା ପରେ ବିସିସିଆଇ ପୁନର୍ବିଚାର କରିଥିଲା । ଗତବର୍ଷ ଚିନ୍ନସ୍ୱାମୀରେ ଆରସିବିର ବିଜୟ ଉତ୍ସବ ପୂର୍ବରୁ ବଳାବଳୀରେ ୧୧ ଜଣ ପ୍ରଶଂସକଙ୍କ ପ୍ରାଣହାନୀ ଘଟଣା ମଧ୍ୟ ବିସିସିଆଇକୁ ସ୍ଥାନାନ୍ତର କରିବାକୁ ଉତ୍ସୁକାଇଥିଲା । ଯାହାକୁ ଲୁଧିବାର ବିସିସିଆଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛି । ବିସିସିଆଇର ପ୍ଲେ ଅଫ୍ ସୂଚୀ ଘୋଷଣା ଅନୁସାରେ ଚଳିତ ବର୍ଷ ୪ଟି ଯାକ ପ୍ଲେ ଅଫ୍ ମ୍ୟାଚ୍ ୩ଟି ଅଲଗା ଭେନ୍ୟୁରେ ଖେଳାଯିବ । ପୂର୍ବରୁ ଏହା ଦୁଇଟି ସହରରେ ସୀମିତ ରହୁଥିଲା । ଧର୍ମଶାଳାରେ ମେ' ୨୬ ତାରିଖରେ କ୍ୱାଲିଫାର୍ଯ୍ୟା-୧ ପଏଣ୍ଟ ଟେବୁଲ୍‌ର ଶୀର୍ଷ ଦୁଇ ଦଳ ମଧ୍ୟରେ ଖେଳାଯିବ । ନୂଆ ଚଣ୍ଡୀଗଡ଼ରେ ପରବର୍ତ୍ତୀ ୨ ମ୍ୟାଚ୍ ଖେଳାଯିବ । ଏଠାରେ ମେ' ୨୭ରେ ଏଲିମିନେଟର୍ ଏବଂ ମେ' ୨୯ରେ କ୍ୱାଲିଫାର୍ଯ୍ୟା-୨ ଖେଳାଯିବ । ମେ' ୩୧ ତାରିଖରେ ଫାଇନାଲ୍ ମ୍ୟାଚ୍ ବିଶ୍ୱର ସର୍ବବୃହତ୍ ଅହମଦାବାଦ ମୋଟେରାସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯିବ । ପୂର୍ବରୁ ବିଶ୍ୱକପ୍ ଫାଇନାଲ୍, ମଧ୍ୟ ଏଠାରେ ଅହମଦାବାଦରେ ୨୦୨୨, ୨୦୨୩, ୨୦୨୫ ମସିହାର ଫାଇନାଲ୍ ମଧ୍ୟ ଖେଳାଯାଇଥିଲା । ୨୦୨୧ରେ ଉଦ୍‌ଘାଟିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ୧,୦୦,୦୦୦ରୁ ଊର୍ଧ୍ୱ ଦର୍ଶକ ବସିବା ବ୍ୟବସ୍ଥା ରହିଛି । ୨୦୨୩ ଦିଲ୍ଲିଆ ବିଶ୍ୱକପ୍ ଫାଇନାଲ୍ ଏବଂ ୨୦୨୬ ଟେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍ ମଧ୍ୟ ଏଠାରେ ଖେଳାଯାଇଥିଲା । ଫାଇନାଲ୍ ମ୍ୟାଚ୍ ବେଙ୍ଗାଲୁରୁରୁ ଅହମଦାବାଦ ସ୍ଥାନାନ୍ତର ହେବା ପରେ କେଏସ୍‌ସିଏ ପକ୍ଷରୁ ଅସନ୍ତୋଷ ଜାହିର କରାଯାଇଛି । ଆମେ ଆୟୋଜନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିସିସିଆଇ ବିନା କାରଣରେ ଏଭଳି ନିଷ୍ପତ୍ତି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି ।

ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ

ନୂଆଦିଲ୍ଲୀ,୦୬/୦୫ (ନ୍ୟୁଏ): ୨୨ ଏପ୍ରିଲ୍, ୨୦୨୫ରେ ପହଲଗାମ୍ ଆକ୍ରମଣର ଜବାବରେ, ଭାରତ ୭ ମଇ ମଧ୍ୟରାତ୍ରୀରେ ପାକ୍ ଅଧିକୃତ କାଶ୍ମୀରର ଆତଙ୍କବାଦୀ ଭଣ୍ଡିଭୂମି ଉପରେ ଏକ ବଡ଼ ବିମାନ ଆକ୍ରମଣ କରିଥିଲା । ଏହି ଅଭିଯାନ ଏତେ ସଠିକ୍, ଦ୍ରୁତ ଏବଂ ସୁରକ୍ଷିତ ଥିଲା ଯେ ଶତ୍ରୁ ମଧ୍ୟ ଏହାର ଟେର୍ ପାଇନଥିଲା । ମାତ୍ର ୨୩ ମିନିଟ୍ ମଧ୍ୟରେ, ବାହାଗଲପୁରରେ ଜୈଶ-ଏ-ମହମ୍ମଦର ଆତଙ୍କବାଦୀ ଶିବିର ଏବଂ ମୁରିଦକେରେ ଲଷ୍କର-ଏ-ତୈବା ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଯାଇଥିଲା । ଯେତେବେଳେ ପାକିସ୍ତାନ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା, ଭାରତୀୟ ଲଢୁଆ ବିମାନଗୁଡ଼ିକ ଶେଷଣାସ୍ତ୍ର ଆକ୍ରମଣରେ ନୂର ଖାନ ଏବଂ ସରଗୋଧା ସମେତ ଏହାର ୧୧ଟି ବାୟୁସେନା ଘାଟିକୁ ଧ୍ୱଂସ କରିଦେଇଥିଲା, ଯାହା ପାକିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା । ମାତ୍ର ୮୮ ଘଂଟା ମଧ୍ୟରେ, ପାକିସ୍ତାନ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲା । ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ଇରାନ-ଆମେରିକା ବିବାଦ ଏହି ଅଞ୍ଚଳୀୟ ବିଗରେ ବଢ଼ିବାରେ ଲାଗିଛି, ଯାହା ବିଶ୍ୱ ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ତଥାପି, ଅପରେସନ ସିନ୍ଦୂର ଏକ ଉଦାହରଣ ଭାବରେ ଉଭା ହୋଇଛି, ଯାହା ଅଳ୍ପ ସମୟ ମଧ୍ୟରେ ଶତ୍ରୁର ହୃଦୟରେ ଏକ ତୀକ୍ଷ୍ଣ, ସଠିକ୍ ଆଘାତ ଦେଇଛି, ଯାହାର ଯନ୍ତ୍ରଣା ସବୁଦିନ ପାଇଁ ଅନୁଭବ କରିବ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ପାକିସ୍ତାନ । ଅପରେସନ ସିନ୍ଦୂର ଚାଲୁ ରହିବା ସହିତ, ଭାରତ ପାକିସ୍ତାନକୁ ଏକ ଚେତାବନୀ ସଂକେତ ଦେଇଛି ଯେ ପାକିସ୍ତାନ ଜିମା ଏହାର ସମର୍ଥିତ ଆତଙ୍କବାଦୀ ସଂଗଠନଗୁଡ଼ିକର ସେକୌଶଳି ଦୃଶ୍ୟାହସିକ କାର୍ଯ୍ୟର ଉପଯୁକ୍ତ ଜବାବ ଦିଆଯିବ । ଏହା ପାକିସ୍ତାନ-ପ୍ରାୟୋଜିତ ପ୍ରକ୍ସି ଯୁଦ୍ଧ ବିଶ୍ୱସ୍ତରେ ଭାରତର ପ୍ରଭାବଶାଳୀ ପ୍ରତିରୋଧକ ଭାବରେ ଜାରୀ ହୋଇଛି ।

ଯୁଦ୍ଧର ଦୀର୍ଘକାଳୀନ ଫାଶରେ ଫସିବା ପରିବର୍ତ୍ତେ ଅପରେସନ୍ ସିନ୍ଦୂର ଏପରି ପ୍ରତି ଯୁଦ୍ଧ ବିରୁଦ୍ଧରେ ପ୍ରତିଶୋଧମୂଳକ ସାମରିକ କାର୍ଯ୍ୟାନୁଷ୍ଠାନର ଏକ ଉଦାହରଣ ସୃଷ୍ଟି କରିଛି । ଭାରି ଆକ୍ରମଣ ପରେ ସର୍ଜିକାଲ୍ ଷ୍ଟ୍ରାଇକ୍, ପୁଲୱାମା ଆକ୍ରମଣ ପରେ ବାଲାକୋଟରେ ବିମାନ ଆକ୍ରମଣ ଏବଂ ପହଲଗାମ୍ ଆକ୍ରମଣର ଜବାବରେ ଅପରେସନ୍ ସିନ୍ଦୂର ନିଶ୍ଚିତ ଭାବରେ ପାକିସ୍ତାନର ଶାସକ ଏବଂ ସେନାର ମନରେ ରହିଯାଇଥିବ ଯେ, ଏପରି ଗୁଣ୍ଡ କାମର ପରିଣତି କେତେ ଭୟଙ୍କର ହୋଇପାରେ । କେବଳ ଯିଏକେରେ ଆତଙ୍କବାଦୀ ସଂଗଠନ ଆଣ୍ଠୁ ଉପରେ ଆକ୍ରମଣ କରି, ଭାରତ ଏହାର ଉଦ୍ଦେଶ୍ୟ ସ୍ପଷ୍ଟ କରିଛି: ଏହା କୌଶଳି ପଦ୍ଧୋଶୀ ଦେଶ ବିରୁଦ୍ଧରେ ଭଲେଜନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହୁଁନାହିଁ, କିନ୍ତୁ ସେଠାରୁ ପ୍ରାୟୋଜିତ ଏବଂ ସମର୍ଥିତ ଆତଙ୍କବାଦୀ ଆକ୍ରମଣର ଭିତ୍ତିଭୂମି ଉପରେ ଆକ୍ରମଣ କରିବାର ଚେର ଅଧିକାର ରଖିଛି ଭାରତ । ଭାରତ ଦେଶକୁ କୌଶଳି କ୍ଷତି ନ ପହଂଚାଇ ଆତଙ୍କବାଦୀ ସଂଗଠନ ଏବଂ ସେମାନଙ୍କର ସମର୍ଥକମାନଙ୍କୁ ନିପାତ କରିବା ପାଇଁ ମଧ୍ୟ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି । ପହଲଗାମ ଆକ୍ରମଣରେ ଭାରତ ନଅଟି ଲକ୍ଷ୍ୟସ୍ଥଳ ଚୟନ କରିଥିଲା, ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ । ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଜାରର ପରିବାରର ଅନେକ ସଦସ୍ୟ ମଧ୍ୟ ନିହତ ହୋଇଥିଲେ । ପାକିସ୍ତାନ ପ୍ରତିଶୋଧ ନେବା ସମୟରେ, ଏହାର ୧୧ଟି ସାମରିକ ଘାଟିକୁ ନଷ୍ଟ କରିସାରିଥିଲା କ୍ରହ୍ମୋସ ପରି ଘାତକ କ୍ଷେପଣାସ୍ତ୍ର । ମାତ୍ର ୮୮ ଘଂଟା ମଧ୍ୟରେ ଲକ୍ଷ୍ୟ ସୂଚନା କରି ଶତ୍ରୁକୁ ଶିକ୍ଷା ଦେବା ପରେ, ଶତ୍ରୁ ରାଷ୍ଟ୍ର ଅନୁରୋଧ କଲା ଏବଂ ଭାରତ ଚାରି ଦିନ ମଧ୍ୟରେ ନିଜ ସର୍ତ୍ତରେ ଯୁଦ୍ଧବିରତି ପାଇଁ ରାଜି ହୋଇଥିଲା । ଶତ୍ରୁକୁ ଏତେ ଶୀଘ୍ର ଯୁଦ୍ଧବିରତି କରିବାକୁ ବାଧ୍ୟ କରି, ଭାରତ ଆଧୁନିକ ଇତିହାସରେ ବିରଳ ଦେଖାଯାଇଥିବା ନିୟନ୍ତ୍ରିତ ଯୁଦ୍ଧର ଉଦାହରଣ ପ୍ରଦର୍ଶନ କରିଥିଲା । ଏହି ଆକ୍ରମଣର ସଂଦମ୍ବୁପ୍ତ ପାକିସ୍ତାନର ଅର୍ଥନୀତି ୧୨,୫୦୦ କୋଟିରୁ ଅଧିକ କ୍ଷତି ସହିଥିଲା । ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରି ଭାରତ ପାକିସ୍ତାନକୁ ଏକ ବଡ଼ ଆଘାତ ଦେଇଛି । ଏହା ପାକିସ୍ତାନର କୃଷି ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ଅସ୍ତିତ୍ୱର ବିପଦ ସୃଷ୍ଟି କରିଛି । ଭାରତ ପାକିସ୍ତାନ ସହିତ ବାଣିଜ୍ୟକୁ ସମ୍ପୂର୍ଣ୍ଣ ଭାବରେ ସ୍ଥଗିତ ରଖିଛି ଏବଂ ପାକିସ୍ତାନୀ କୂଟନୈତିକମାନଙ୍କୁ ବହିଷ୍କାର କରିଛି । ଆନ୍ତଙ୍କବାଦର ଆତ୍ମସ୍ଥଳ ଭାବରେ ପାକିସ୍ତାନର ଭୂମିକାକୁ ପ୍ରକାଶ କରିବା ପାଇଁ ଏହା ଏକ କୂଟନୈତିକ ମିଶନ ଅଟେ ।

ପଞ୍ଜାବର ବ୍ୟାଣ୍ଡ୍ ବଜାଇଲେ ଇଶାନ-କ୍ଲାସେନ; ସରପଂଚ ସାହେବଙ୍କ ଦଳକୁ ୨୩୬ ରନର ଟାର୍ଗେଟ ଦେଲା ହାଇଦ୍ରାବାଦ

ହାଇଦ୍ରାବାଦ,୦୬/୦୫(ନ୍ୟୁଏ): IPL ୨୦୨୬ ର ୪୯ତମ ଲିଗ୍ ମ୍ୟାଚ୍‌ରେ, ସନରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଓ୍ୱିକେଟ୍ ରାଇ ୨୩୫ ରନ କରିଛି । ଦଳ ପକ୍ଷରୁ ହେନରିଚ୍ କ୍ଲାସେନ୍ ସର୍ବାଧିକ ୪୩ ବଲ୍ ରେ ୩ ଚୌକା ଏବଂ ୪ ଛକା ସହାୟତାରେ ୬୯ ରନ କରିଥିଲେ । ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଇଶାନ କିଶାନ ୩୨ ବଲ୍ ରେ ୫୫ ରନ କରିଥିଲେ । ଶେଷରେ, ପଂମ ନମ୍ବରରେ ଆସିଥିବା ନୀତିଶ ରେଡ୍ଡି ୧୩ ବଲ୍ ରେ ୨୨୩ ଷ୍ଟ୍ରାଇକ୍ ରେଟ୍ ସହିତ ୨୯ ରନ କରିଥିଲେ । ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ଷ୍ଟାଡିୟମରେ ପଞ୍ଜାବ ହାଇଦ୍ରାବାଦ ବିପକ୍ଷରେ କେବେବି ଗୋଟିଏ ବି ମ୍ୟାଚ୍ ଜିତିନାହିଁ । ହାଇଦ୍ରାବାଦ ୮-୦ରେ ଆଗୁଆ ଅଛି । ଆଜି ପଞ୍ଜାବ ଇତିହାସ ସୃଷ୍ଟି କରିପାରିବ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ । ପଞ୍ଜାବ କିଙ୍ଗସର ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ହାଇଦରାବାଦ ଏକ ଭଲ ସ୍କୋର କରିଥିଲା । ଓପନର ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ଦଳ ପାଇଁ ଏକ ଦୃଢ଼ ଆରମ୍ଭ ଦେଇଥିଲେ । ସେମାନେ ପ୍ରଥମ ୱିକେଟ ସୁଦ୍ଧା ମାତ୍ର ୨୧ ବଲ୍ ରେ ୫୨ ରନ୍ ର ଭାଗୀଦାରି କରିଥିଲେ । ଅଭିଷେକ ମାତ୍ର ୧୩ ବଲ୍ ରେ ୩୫ ରନ୍ କରିଥିବା ବେଳେ ହେଡ୍ ୧୯ ବଲ୍ ରେ ୩୮ ରନ୍ କରିଥିଲେ । ଇଶାନ କିଶାନ ଏବଂ ହେନରିଚ୍ କ୍ଲାସେନ ସେମାନଙ୍କର ଭଲ ଆରମ୍ଭକୁ ଆଗକୁ ବଢ଼ାଇଥିଲେ, ତୃତୀୟ ୱିକେଟ ସୁଦ୍ଧା ୪୮ ବଲ୍ ରେ ୮୮ ରନ୍ ଭାଗୀଦାରୀ କରି ସେମାନଙ୍କ ଦଳକୁ ଏକ ବଡ଼ ସ୍କୋରରେ ପହଂଚିବାରେ ସାହାଯ୍ୟ କରିଥିଲେ । ଏହି ଭାଗୀଦାରୀ ଇଶାନ କିଶାନଙ୍କ ଆଇପିଏଲ ସହିତ ଶେଷ ହୋଇଥିଲା । ହାଇଦ୍ରାବାଦ ୧୪.୪ ଓଭରରେ ୧୭୨ ରନ୍ କରିଥିଲା । ତା'ପରେ ବ୍ୟାଟିଂ କରିବାକୁ ଆସିଥିବା ନୀତିଶ ରେଡ୍ଡୀ କ୍ଲାସେନଙ୍କୁ ପ୍ରଶଂସନୀୟ ସମର୍ଥନ କରିଥିଲେ । ଦୁଇଜଣ ତୃତୀୟ ୱିକେଟ ସୁଦ୍ଧା ୩୨ ବଲ୍ ରେ ୬୩ ରନ୍ ଯୋଡ଼ି ଦଳକୁ ୨୩୦ ରନ୍ ଅତିକ୍ରମ କରିବାରେ ସାହାଯ୍ୟ କରିଥିଲେ ।

34001/170/2627

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_serb@rediffmail.com
Government of Odisha "e" Procurement Notice
Bid Identification No.-S.E.-05/2026-27

1. Number of works -Building work
2. Approximate estimated cost: - 9.78 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 08.05.2026 to 14.05.2026
5. Last Date / Time of receipt of bid in the portal :- Dt. 14.05.2026 up to 5.00 PM
6. Date of Opening of bid:- Dt. 15.05.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tender.odisha.gov.in

Sd/- R.S Ray
Superintending Engineer
Mayurbhanj (R&B) Division

OIPR 34001/34025/1/26-27/0004

ସବୁଠାରୁ ଅଧିକ ରେଳ ଷ୍ଟେସନ ଥିବା ରାଜ୍ୟ

ନୂଆଦିଲ୍ଲୀ,୦୬/୦୫: ଭାରତୀୟ ରେଳପଥ ବିଶ୍ୱର ସବୁଠାରୁ ବଡ଼ ରେଳ ନେଟୱାର୍କ ମଧ୍ୟରୁ ଗୋଟିଏ । ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଯାତ୍ରା କରନ୍ତି, ଏବଂ ୧୩,୦୦୦ରୁ ଅଧିକ ଟ୍ରେନ୍ ଚଳାଚଳ କରେ । ରେଳପଥ କେବଳ ଭାରତୀୟମାନଙ୍କୁ ନିଯୁକ୍ତି ପ୍ରଦାନ କରେ ନାହିଁ ବରଂ ଦେଶର ଅର୍ଥନୀତିକୁ ମଧ୍ୟ ବୃଦ୍ଧି କରେ । ଏହି କାରଣରୁ ଏହାକୁ ଭାରତର ଜୀବନରେଖା ଭାବରେ ମଧ୍ୟ ବିବେଚନା କରାଯାଏ । ବିଭିନ୍ନ ରାଜ୍ୟରେ ରେଳ ଷ୍ଟେସନ ସଂଖ୍ୟା କିଛି କିଛି ରହିଛି । କିନ୍ତୁ ଜାଣିଛନ୍ତି କି ଭାରତର କେଉଁ ରାଜ୍ୟରେ ସବୁଠାରୁ ଅଧିକ ରେଳ ଷ୍ଟେସନ ଅଛି ? ଦେଶର କିଛି ବଛା ବଛା ରାଜ୍ୟଙ୍କ ମଧ୍ୟରେ ସର୍ବାଧିକ ରେଳ ଷ୍ଟେସନ ଥିବାର ରେକର୍ଡ ରହିଛି । ଆଶ୍ଚର୍ଯ୍ୟର କଥା ହେଉଛି, ମହାରାଷ୍ଟ୍ର କିମ୍ବା ପଶ୍ଚିମବଙ୍ଗ ଭଳି ରାଷ୍ଟ୍ର ଏହି ତାଲିକାର ଶୀର୍ଷ ତିନୋଟି ମଧ୍ୟରେ ନାହାଁନ୍ତି । ତେବେ ଆସନ୍ତୁ ଜାଣନ୍ତୁ କେଉଁ ରାଜ୍ୟରେ ସର୍ବାଧିକ ରେଳ ଷ୍ଟେସନ ଅଛି ।ଦେଶର ସର୍ବାଧିକ ରେଳ ଷ୍ଟେସନ ଥିବା ରାଜ୍ୟ ତାଲିକାରେ ଭାରତ ପ୍ରଦେଶ ଶୀର୍ଷରେ ଅଛି । ଏଠାରେ ୧୧୦୦ ରୁ ଅଧିକ ରେଳ ଷ୍ଟେସନ ଅଛି । ଏହାର ଜନସଂଖ୍ୟା ବୃଦ୍ଧି ଏବଂ ଅନେକ ସହର ହେତୁ, ରେଳ ଷ୍ଟେସନ ସଂଖ୍ୟା ମଧ୍ୟ ଅଧିକ । ପ୍ରମୁଖ ଷ୍ଟେସନଗୁଡ଼ିକ ମଧ୍ୟରେ ପ୍ରୟାଗରାଜ, କାନପୁର ସେଣ୍ଟ୍ରାଲ, ଗୋରଖପୁର ଏବଂ ଲକ୍ଷ୍ନୌ ଅନ୍ତର୍ଭୁକ୍ତ । ଗୋରଖପୁର ଜଙ୍କସନରେ ବିଶ୍ୱର ସବୁଠାରୁ ଲମ୍ବା ରେଳ ପ୍ଲାଟଫର୍ମ ଅଛି, ଯାହାର ଲମ୍ବ ୧,୩୬୬ ମିଟର ଅଟେ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das